

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୦ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 JUNE 2021
Vol.No. 32 ■ No. 147 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୭ଟି ଜିଲ୍ଲାରେ ୭ଟି ଅକ୍ସିଜେନ ପ୍ଲାଂଟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
### ୨୯.୪୧ କୋଟି ଟଙ୍କାର ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପ



ଭୁବନେଶ୍ୱର,୦୯/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ୭ଟି ଜିଲ୍ଲାରେ ୭ଟି ତରଳ ମେଡିକାଲ ଅକ୍ସିଜେନ ପ୍ଲାଂଟ ଏବଂ ୭ଟି ପିଏସଏ ବ୍ୟବସ୍ଥାର ଭିତିପ୍ରସ୍ତର ରଖିଛନ୍ତି । ଏହାସହିତ ବାଲେଶ୍ୱରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସହାୟତାରେ ଏକ ଅତିରିକ୍ତ ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ର, ଡେଙ୍ଗୁ ଓ ଡାଇରିଆ ୱାର୍ଡ, ରକ୍ତ ବର୍ଗୀକରଣ ୟୁନିଟ, କଟକରେ ଫୁସଫୁସ ରୋଗର ଚିକିତ୍ସା ପାଇଁ ଏକ ଉତ୍କର୍ଷ କେନ୍ଦ୍ର ଏବଂ ନବରଙ୍ଗପୁରରେ ଏକ ଆରଟିପିସିଆର ଟେଷ୍ଟ ଲାବୋରେଟୋରୀର ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଏହି ସମସ୍ତ ଭିତିଭୂମି ପାଇଁ ୨୯ କୋଟି ୪୧ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । ବାଲେଶ୍ୱରର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ, କୋରାପୁଟର ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀରର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ, ବୁର୍ଲାର ଭୀମସାର, କଟକ ଏସସିବି, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହିସବୁ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କରୋନାର ଦ୍ୱିତୀୟ ଲହରୀରେ ମେଡିକାଲ ଅକ୍ସିଜେନର ଆବଶ୍ୟକତା ବହୁତ ବଢ଼ିଯାଇଥିଲା । ଏହି ସମୟରେ ଓଡିଶାରେ ଅକ୍ସିଜେନ ଯୋଗାଣ ନେଇ କୌଣସି ସମସ୍ୟା ହୋଇନାହିଁ । ନିଜର ଆବଶ୍ୟକତାକୁ ପୂରଣ କରିବା ସହ ଓଡିଶା ୧୭ଟି ରାଜ୍ୟକୁ ଅକ୍ସିଜେନ ଯୋଗାଇ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରିପାରିଛି । ଓଡିଶା ପାଇଁ ଏହା ନିଶ୍ଚିତ ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ପ୍ରତ୍ୟେକ ଓଡିଆଙ୍କ ପାଇଁ ଏହା ଆତ୍ମସନ୍ତୋଷର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅକ୍‌ସିଜେନର ଉତ୍ପାଦନ ଠାରୁ ଆରମ୍ଭ କରି ରୋଗୀଙ୍କୁ ସେବା ଯୋଗାଇ ଦେବା ପର୍ଯ୍ୟନ୍ତ ବ୍ୟବସ୍ଥା ଏକ ଜଟିଳ ପ୍ରକ୍ରିୟା । ଏଥିରେ ବହୁତ ଯନ୍ତ୍ରପାତି, ଯାନବାହାନ, ନିରନ୍ତର ତଦାରଖ ଏବଂ ଅନ୍ୟାନ୍ୟ ▶▶ପୃଷ୍ଠା ୭

## ଖରିଫ୍ ଫସଲରେ ୫୦ ପ୍ରତିଶତ ସର୍ବନିମ୍ନ ସହାୟକ ଦର ବୃଦ୍ଧି କଲେ କେନ୍ଦ୍ର ସରକାର



ନୂଆଦିଲ୍ଲୀ,୦୯/୦୬(ନି.ପ୍ର): ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ଖରିଫ୍ ଫସଲ ଉପରେ ୫୦ ପ୍ରତିଶତ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ଏନେଇ ବୁଧବାର ଦିନ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ରସିଂ ତୋମର । ତୋମର କହିଛନ୍ତି କି ଖରିଫ୍ ଫସଲ ଉପରେ କେନ୍ଦ୍ର ସରକାର ୫୦ ପ୍ରତିଶତ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାସହ ସେ କହିଥିଲେ କି କେନ୍ଦ୍ର ସରକାର ୭ ବର୍ଷ ହେବ କୃଷି ଓ କୃଷକ ମାନଙ୍କ ହିତରେ ପଦକ୍ଷେପ ନେଉଛନ୍ତି । ସେମାନଙ୍କ ସମସ୍ୟା ଉପରେ ଚର୍ଚ୍ଚା କରିବାକୁ ସରକାର ସର୍ବଦା ପ୍ରସ୍ତୁତ ଥିବା କଥା ସେ କହିଛନ୍ତି । କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରେ ଧାନ ଉପରେ ଏମଏସପି ୭୨ ଟଙ୍କା ବୃଦ୍ଧି ପାଇବ । ଅର୍ଥାତ ଖରିଫ୍ ଧାନକୁ କୃଷକମାନେ ୧୮୬୮ ଟଙ୍କା ବଦଳରେ ୧୯୪୦ ଟଙ୍କାରେ ଧାନ ବିକ୍ରି କରିପାରିବେ । ଏନେଇ ତୋମର କହିଛନ୍ତି କି କୃଷକ ମାନଙ୍କ ସ୍ୱାର୍ଥରେ କୃଷିଜାତ ଉତ୍ପାଦର ମୂଲ୍ୟ ବୃଦ୍ଧି କରାଯାଇଛି ଓ ଭବିଷ୍ୟତରେ ବି ଏଭଳି ବୃଦ୍ଧି ଜାରି ରହିବ ବୋଲି ସେ କହିଛନ୍ତି । ଅନ୍ୟପଟେ ନୂଆ କୃଷି ଆଇନକୁ ବିରୋଧ କରି ଆନ୍ଦୋଳନ ଚଳାଇଥିବା କୃଷକ ମାନଙ୍କ ▶▶ପୃଷ୍ଠା ୭

## ରାଜ୍ୟରେ କମୁଛି ସଂକ୍ରମଣ : ଗତ ୨୪ ଘଂଟାରେ ୬୦୧୯ ପଜିଟିଭ୍, ୪୩ ମୃତ



ଭୁବନେଶ୍ୱର,୦୯/୦୬(ନି.ପ୍ର): ରାଜ୍ୟରେ କମୁଛି ସଂକ୍ରମଣ । ଗତ ୨୪ ଘଂଟା ମଧ୍ୟରେ ୬୦୧୯ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ସଙ୍ଗରୋଧରେ ୩୩୯୭ ଥିବାବେଳେ ସ୍ଥାନୀୟ ସଂକ୍ରମଣ ୨୬୨୨ ରହିଛି । ସେହିଭଳି ୪୩ଜଣଙ୍କ ଜୀବନ ନେଇଛି କରୋନା । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୩୩୫ ଜଣ, ବାଲେଶ୍ୱରରୁ ୨୮୬ ଜଣ, ବରଗଡ଼ରୁ ୧୨୨ ଜଣ, ଭଦ୍ରକରୁ ୨୬୨ ଜଣ, ବଲାଙ୍ଗୀରରୁ ୬୬ ଜଣ, ମୟୁରଭଞ୍ଜରୁ ୩୩୩ ଜଣ, ନବରଙ୍ଗପୁରରୁ ୧୫୧ ଜଣ, ନୟାଗଡରୁ ୧୯୧ ଜଣ, ନୂଆପଡ଼ାରୁ ୨୩ ଜଣ, ପୁରୀରୁ ୩୨୪ ଜଣ, ରାୟଗଡାରୁ ୧୦୮ ଜଣ, ସମ୍ବଲପୁରରୁ ୧୩୧ ଜଣ, ସୋନପୁରରୁ ୬୫ ଜଣ, ସୁନ୍ଦରଗଡରୁ ୨୮୩ ଜଣ, ଷ୍ଟେଟ ପୁଲରୁ ୧୫୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ବୌଦ୍ଧରୁ ୭୯, କଟକରୁ ୫୩୧, ଦେବଗଡରୁ ୨୪, ଢେଙ୍କାନାଳରୁ ୨୯୧, ଗଜପତିରୁ ୩୪, ଗଞ୍ଜାମରୁ ୭୩, ଜଗତସିଂହପୁରରୁ ୧୯୬, ଯାଜପୁରରୁ ୪୦୬, ଝାରସୁଗୁଡାରୁ ୪୧, କଳାହାଣ୍ଡିରୁ ୭୦, କନ୍ଧମାଳରୁ ୭୬, କେନ୍ଦ୍ରାପଡାରୁ ୨୧୮, କେଉଁଝରରୁ ୧୨୦, ଖୋର୍ଦ୍ଧାରୁ ୭୯୬, କୋରାପୁଟରୁ ୧୪୨, ମାଲକାନଗିରିରୁ ୮୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୮୮୩୬ ଜଣ ସୁସ୍ଥ ହୋଇଥିବାବେଳେ ରାଜ୍ୟରେ ସମୁଦାୟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୩୧୧୧୯ରେ ପହଂଚିଥିବାବେଳେ ୭୫୬୬୪୧ ଜଣ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ୭୨୩୧୨ଟି ସକ୍ରିୟ ମାମଲା ରହିଛି ।

## ଔଷଧ ଦୋକାନୀ, କର୍ମଚାରୀଙ୍କୁ ଦିଆଯିବ ଟିକା

ଭୁବନେଶ୍ୱର,୦୯/୦୬ (ନି.ପ୍ର): ରାଜ୍ୟରେ ଥିବା ଔଷଧ ଦୋକାନୀ ଏବଂ ସେଠାରେ କାମ କରୁଥିବା କର୍ମଚାରୀଙ୍କୁ ପ୍ରାଥମିକତା ଭିତିରେ ଟିକାକରଣ କରାଯିବ । ଏନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖି ଅବଗତ କରାଇଛି । ଶ୍ରୀ ମହାପାତ୍ର ଏହି ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଲକଡାଉନ୍ ଓ ସଟଡାଉନ ବେଳେ ଔଷଧ ଦୋକାନୀମାନେ ସେମାନଙ୍କର ନିରବିଚ୍ଛନ ସେବା ଯୋଗାଇ ଚାଲିଛନ୍ତି । ପ୍ରତିଦିନ ସେମାନେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସୁଛନ୍ତି । ତେଣୁ ଏହାକୁ ଆଖି ଆଗରେ ରଖି ସେମାନଙ୍କର ଟିକାକରଣ କରିବାକୁ ସରକାର ନିଷ୍ପତି ନେଇଛନ୍ତି । ଔଷଧ ଦୋକାନରେ କାମ କରୁଥିବା କର୍ମଚାରୀଙ୍କ ଭିତରୁ ଯେଉଁମାନେ ୪୫ ବର୍ଷରୁ ଅଧିକ ବୟସ ସେମାନେ କେନ୍ଦ୍ର ଦେଇଥିବା ଟିକାରୁ ନେଇପାରିବେ ।

## ଆଜିଠୁ ୧୪ ଯାଏଁ ପ୍ରବଳ ବର୍ଷା ସମ୍ଭାବନା
### ସତର୍କ ରହିବାକୁ ଏସଆରସିଙ୍କ ଚିଠି



ଭୁବନେଶ୍ୱର,୦୯/୦୬ (ନି.ପ୍ର): ପୂର୍ବ ମଧ୍ୟ ଏବଂ ଉତର-ପୂର୍ବ ବଙ୍ଗୋପସାଗରର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ୧୧ତାରିଖ ବେଳକୁ ଉତର-ବଙ୍ଗୋପସାଗର ତଥା ତାର ଆଖପାଖ ଅଂଚଳରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏଥିଯୋଗୁଁ ଆସନ୍ତାକାଲି (ଗୁରୁବାର)ଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ଆଶଙ୍କା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଅପରପକ୍ଷରେ ବଡ ବର୍ଷାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା ରାଜ୍ୟର ସବୁ ଜିଲ୍ଲାପାଳ ଓ ମ୍ୟୁନିସିପାଲ୍ କମିଶନରଙ୍କୁ ଚିଠି କରିଛନ୍ତି । ବର୍ଷା ଯୋଗୁ କେତେକ ଜାଗାରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି । ତେଣୁ ସେହି ଅଂଚଳରୁ ଲୋକଙ୍କୁ ସ୍ଥାନାନ୍ତରଣ କରିବାକୁ କୁହାଯାଇଛି । ଲୋକଙ୍କୁ ସ୍ଥାନାନ୍ତରଣ ପାଇଁ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି । ପାଣି ଜମିବା ସହ ବିଭିନ୍ନ ନଦୀରେ ବନ୍ୟା ସମ୍ଭାବନା ରହିଛି । ତେଣୁ ବିପଜ୍ଜନକ ନଦୀ ବନ୍ଧ ପ୍ରତି ନଜର ରଖିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ଏସ୍‌ଆରସି ତାଗିଦ କରିଛନ୍ତି । ଡଙ୍ଗା ଓ ଯନ୍ତ୍ରାଂଶ ସହ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସହରାଂଚଳ ଓ ତଳି ଅଂଚଳରେ ବର୍ଷା ପାଣି ଜମିବା ସମ୍ଭାବନା ରହିଛି । ତେଣୁ ଏହାର ମୁକାବିଲା କରିବା ପାଇଁ ସତର୍କ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ଆରସି । ବନ୍ୟା କଥା ବୁଝୁଥିବା ସବୁ ଅଫିସ୍ ▶▶ପୃଷ୍ଠା ୭

## ରାତି ପାହିଲେ ସାବିତ୍ରୀ ବ୍ରତ : ସିନ୍ଦୂରର ସୁରକ୍ଷା ପାଇଁ ହାତଯୋଡି ସାହାଯ୍ୟ ମାଗୁଛି ସ୍ତ୍ରୀ

ଭୁବନେଶ୍ୱର,୦୯/୦୬(ନି.ପ୍ର): ଯଦି ଆଜି କରୋନା ନଥାନ୍ତା, ଯଦି ଆଜି ସ୍ୱାମୀଙ୍କ ଦେହ ଭଲଥାନ୍ତା, ଯଦି ଅଭିଷେକ ଆଜି ଅସୁସ୍ଥ ହୋଇ ନଥାନ୍ତେ କି ହସ୍ପିଟାଲ ବେଡରେ ଜୀବନ ସହ ସଂଗ୍ରାମ କରୁନଥାନ୍ତେ, ହୁଏତ ଆଜି ବେଶ ଧୂମଧାମରେ ସାବିତ୍ରୀ ବ୍ରତ ପାଳିଥାନ୍ତେ ଏ ନବବିବାହିତା ମହିଳା । ବିବାହର ପ୍ରଥମ ମାସରେ ହିଁ ପ୍ରଥମ ସାବିତ୍ରୀ ପଡୁଥିବାରୁ ବେଶ ଖୁସିରେ ସ୍ୱାମୀଙ୍କୁ ପୂଜିଥାନ୍ତେ ମୌସୁମୀ । ହେଲେ ନିଷ୍ଠୁର ସମୟ ସୁଖରେ ସାବିତ୍ରୀ ବ୍ରତ ପାଳିବାର ସେ ସୁଯୋଗଟିଏ ଦେଲାନି । ବାହାଘରର ମାସେ ଭିତରେ ହିଁ ହୃଦୟର ମଣିଷକୁ ହସ୍ପିଟାଲ ବେଡରେ ପକାଇଦେଲା । ଆଉ କରୋନା ହେବା ପରେ ଏବେ ଜୀବନ ପାଇଁ ମୃତ୍ୟୁ ସହ ମୁକାବିଲା କରୁଛନ୍ତି ମୌସୁମୀଙ୍କ ମଣିଷ । ରାତି ପାହିଲେ ସାବିତ୍ରୀ ବ୍ରତ । ସବୁ ବିବାହିତ ସ୍ତ୍ରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିବେ । ହେଲେ ଏ ସାବିତ୍ରୀ ଜଣଙ୍କ ସିନ୍ଦୂର ପାଇଁ ସହାୟତା ମାଗୁଛନ୍ତି । ଆସନ୍ତୁ ତାଙ୍କୁ ସାହାଯ୍ୟ କରିବା, ତାଙ୍କ ସିନ୍ଦୂରକୁ ସୁରକ୍ଷା ଦେବା ।

## ଚାଷୀଙ୍କ ପାରିଶ୍ରମିକ ମୂଲ୍ୟକୁ ବଢାଇବା ପାଇଁ ଉଚିତ୍ ପଦକ୍ଷେପ ନେଉଛନ୍ତି ମୋଦି ସରକାର : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୯/୦୬ (ନି.ପ୍ର): ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ଏବଂ ଅନ୍ନଦାତାଙ୍କୁ ଦିଆଯାଇଥିବା ପ୍ରତିଶୃତିକୁ ପୂରଣ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବର୍ଷ ୨୦୨୧-୨୨ ଖରିଫ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ବୃଦ୍ଧି କରିବା ପାଇଁ ମଞ୍ଜୁର ଦିଆଯିବା ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏ ସଂକ୍ରାନ୍ତୀୟ କ୍ୟାବିନେଟ ନିଷ୍ପତି ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦି ଏବଂ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଚାଷୀଙ୍କ ପାରିଶ୍ରମିକ ମୂଲ୍ୟକୁ ବଢାଇବା ପାଇଁ ମୋଦି ସରକାର ଉଚିତ୍ ପଦକ୍ଷେପ ନେଉଛନ୍ତି । ଦେଶର ବିଭିନ୍ନାଂଚଳରେ ଚାଷ କରାଯାଉଥିବା ଗୁରୁତ୍ୱପୂର୍ଣ୍ଣ ଫସଲ ମଧ୍ୟରୁ ଅନ୍ୟତମ ଧାନର ଏମଏସପି ୨୦୨୧-୨୨ ବର୍ଷ ପାଇଁ କ୍ୱିଂଟାଲ ପିଛା ଅଧିକ ୭୨ ଟଙ୍କା ବୃଦ୍ଧି କରାଯାଇଛି । ପୂର୍ବରୁ ଧାନ ବିକ୍ରି କରି କ୍ୱିଂଟାଲ ପିଛା ୧୮୬୮ ଟଙ୍କା ପାଉଥିବା ଚାଷୀ ଏଣିକି କ୍ୱିଂଟାଲ ଧାନ ବିକି ୧୯୪୦ ଟଙ୍କା ପାଇପାରିବେ । ଚାଷୀଙ୍କ ଆୟକୁ ଦୁଇ ଗୁଣିତ କରିବା ଦିଗରେ ମୋଦି ସରକାରଙ୍କ ଏହା ମହତ୍ୱପୂର୍ଣ୍ଣ ପଦକ୍ଷେପ । ବର୍ଷ ୨୦୨୧-୨୨ ପାଇଁ ଖରିଫ ଫସଲ ବିଶେଷ ଭାବରେ ଧାନର ଏମଏସପି କ୍ୱିଂଟାଲ ପିଛା ୧୯୪୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ସମସ୍ତ ଖାଦ୍ୟ ସାମଗ୍ରୀର କ୍ୱିଂଟାଲ ପିଛା ଏମ୍‌ଏସ୍‌ପି ମୂଲ୍ୟ ବୃଦ୍ଧି କରାଯାଇଛି । ▶▶ପୃଷ୍ଠା ୭

## ଆଇପିଏସ୍ ସ୍ତରରେ ଅଦଳ ବଦଳ : ଦୀପ୍ତେଶ ପଟ୍ଟନାୟକ ହେଲେ ଜେଲ ଆଇଜି

ଭୁବନେଶ୍ୱର,୦୯/୦୬ (ନି.ପ୍ର): ରାଜ୍ୟ ସରକାର ବୁଧବାର ଦିନ ଆଇପିଏସ୍ ସ୍ତରରେ ଅଦଳ ବଦଳ କରିଛନ୍ତି । ୧୯୯୭ ବ୍ୟାଚ୍ ର ବରିଷ୍ଠ ଆଇପିଏସ୍ ଅଧିକାରୀ ଦୀପ୍ତେଶ ପଟ୍ଟନାୟକଙ୍କୁ ଜେଲ ବିଭାଗ ଆଇଜି ପଦରେ ନିଯୁକ୍ତି ମିଳିଛି । ବର୍ତ୍ତମାନ ସେ ଉତରାଂଚଳ ଆଇଜି ରହିଛନ୍ତି । ୨୦୦୨ ବ୍ୟାଚ୍ ର ଆଇପିଏସ୍ ନରସିଂହ ଭୋଳଙ୍କୁ କେନ୍ଦ୍ରାଂଚଳ ଆଇଜି ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ବର୍ତମାନ ଜେଲ ବିଭାଗ ଆଇଜି ଥିବା ୨୦୦୩ ବ୍ୟାଚ୍ ଆଇପିଏସ୍ ହିମାଂଶୁ ଲାଲଙ୍କୁ ପୂର୍ବାଂଚଳ ଆଇଜି ଦାୟିତ୍ୱ ମିଳିଛି । ସେହିଭଳି କେନ୍ଦ୍ରୀୟ ଡେପୁଟେସନ୍ ରେ ଥିବା ୨୦୦୪ ବ୍ୟାଚ୍ ଆଇପିଏସ୍ ଦୀପକ କୁମାରଙ୍କୁ ଉତରାଂଚଳ ଆଇଜି ଭାବେ ନିଯୁକ୍ତି ଦେଇଥିବା ବେଳେ ରାଜକିଶୋର ପାଇକରାୟଙ୍କୁ ଦେବଗଡ଼ ଏସ୍‌ପି ଓ ଡି.ପି ତ୍ରିପାଠୀଙ୍କୁ କଟକ ରେଳବାଇ ଏସ୍‌ପି ଭାବରେ ଅବସ୍ଥାପିତ କରିଛନ୍ତି । ଏସମ୍ପର୍କରେ ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

## କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲଙ୍କ ଉପସ୍ଥିତିରେ ବିଜେପିରେ ସାମିଲ ହେଲେ ପୂର୍ବ କେନ୍ଦ୍ରମନ୍ତ୍ରୀ ଜିତୀନ ପ୍ରସାଦ



ନୂଆଦିଲ୍ଲୀ,୦୯/୦୬: ଜ୍ୟୋତିରାଦିତ୍ୟ ସ୍କିନ୍ଦିଆଙ୍କ ପରେ ରାହୁଲ ଗାନ୍ଧୀଙ୍କ ଟିମ୍ ର ଆଉଏକ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ କଂଗ୍ରେସ ହାତରୁ ଯାଇଛି । କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତୀନ ପ୍ରସାଦ ଆଜି ବିଜେପିରେ ସାମିଲ ହୋଇଉଛନ୍ତି । କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲ ଆଜି ଜିତୀନ ପ୍ରସାଦଙ୍କୁ ବିଜେପିରେ ସାମିଲ କରାଇଛନ୍ତି । ବିଜେପିରେ ସାମିଲ ହେବା ପୂର୍ବରୁ ତୀନ ପ୍ରସାଦ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନରେ ପହଂଚି କିଛି ଆଲୋଚନା କରିଥିବା ଜଣାପଡିଛି । କୁହାଯାଇଛି କି କଂଗ୍ରେସର ବଡ ବ୍ରାହ୍ମଣ ଚେହେରା କୁହାଯାଉଥିବା ଜିତୀନ ପ୍ରସାଦ କିଛିଦିନ ହେବ ଦଳର ହାଇକମାଣ୍ଡଙ୍କ ଉପରେ ସନ୍ତୋଷ ନଥିଲେ । ସେ ଦଳ ଭିତରେ ଚାଲିଥିବା ବିଭିନ୍ନ ବିଶୃଙ୍ଖଳାକୁ ନେଇ ହାଇକମାଣ୍ଡଙ୍କ ପାଖରେ ଅଭିଯୋଗ କରିଥିଲେ ବି ହାଇକମାଣ୍ଡ ଏହା ଉପରେ କୌଣସି ବିଚାର କରି ନଥିଲେ । ଏହି କାରଣରୁ ସେ ଆଜି ବିଜେପିରେ ସାମିଲ ହୋଇଥିବା ଜଣାପଡିଛି ।

## କ୍ୟାପିଟାଲ ହସ୍ପିଟାଲକୁ ଆସିବ ଇକମୋ ମେସିନ୍ : ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର,୦୯/୦୬ (ନି.ପ୍ର): ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଲାଗିବ ଜୀବନ ରକ୍ଷାକାରୀ ଇକ୍‌ମୋ ମେସିନ୍ । ସିଏସ୍‌ଆର ପାଣ୍ଠି ଜରିଆରେ ଏହି ମେସିନ୍ ପ୍ରତିଷ୍ଠା କରାଯିବ ଏବଂ ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ । ଏସ୍‌ସିବି ମେଡିକାଲ ଭଳି କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଇକମୋ ମେସିନ ସ୍ଥାପନ କରାଯିବ ବୋଲି ସେ କହିଛନ୍ତି । ଅପରପକ୍ଷରେ ଭାରତରେ ଇସିଏମଓ(ଇକମୋ) ମେସିନ୍ ଉତ୍ପାଦନ ହେଉନାହିଁ । ଏହି ମେସିନକୁ ବିଦେଶରୁ ଆଣିବା ପାଇଁ ପ୍ରକ୍ରିୟା ଚାଲିଛି ଓ ଏଥିପାଇଁ ଟେଣ୍ଡର ସରିଥିବା ସୂଚନା ଦେଇଛନ୍ତି ଡିଏମଇଟି ଡାକ୍ତର ସିବିକେ ମହାନ୍ତି । ଡିଏମଇଟି ଇକମୋ ମେସିନ୍ କାର୍ଯ୍ୟ ବିଷୟରେ କହିଛନ୍ତି, ରୋଗୀର ରକ୍ତ ବାହାରକୁ ଆସି ତାକୁ ଯନ୍ତ୍ର ମାଧ୍ୟମରେ ଅକ୍ସିଜେନେସନ କରାଯାଇ ସେହି ରକ୍ତ ପୁଣି ଶରୀର ଭିତରକୁ ଫେରି ଯାଉଛି । ଏଇଟା ଗୋଟିଏ କୃତିମ ପ୍ରକ୍ରିୟା । ଯେଉଁଥିରେ ଶରୀରର ଅକ୍ସିଜେନକୁ ସାମୟିକ ମେଂଟେନ କରିହେବ । ଏହା ବ୍ୟୟବହୁଳ ଚିକିତ୍ସା । ପ୍ରଥମେ ଏହାକୁ ବ୍ୟବହାର କରିବା ପାଇଁ ୪ରୁ ୫ ଲକ୍ଷ ଟଙ୍କା ଦରକାର ପଡୁଛି । ପରେ ଚିକିତ୍ସା ଜାରି ରଖିବାକୁ ପ୍ରତ୍ୟେକ ଦିନ ଲକ୍ଷେରୁ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ।

## ହିମାଂଶୁ ଦାସଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଞ୍ଚର ଶୋକ

ବାଲେଶ୍ୱର,୯/୬ (ନି.ପ୍ର): ବାଲେଶ୍ୱରର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ହିମାଂଶୁ ଦାସଙ୍କ ବିୟୋଗରେ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ମଞ୍ଚର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟଭାବେ ସ୍ୱର୍ଗତ ଦାସ ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲାଇଥିଲେ। ତାଙ୍କ ଅକାଳ ବିୟୋଗ ଶିଳ୍ପ, ବାଣିଜ୍ୟ, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି ମଞ୍ଚର କର୍ମକର୍ତ୍ତାମାନେ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ଶରତ ଚନ୍ଦ୍ର ଦାଶ, ଧୀରେନ୍ଦ୍ର ନାରାୟଣ ଦାସ, ପଣ୍ଡିତ ସୁରେନ୍ଦ୍ର ନାଥ କର, ଭଗବାନ ରାଉତ, ଗୋପିନାଥ ଦାସ, ସୀତାରାମ ପ୍ରଧାନ, ବିନୟ କୁମାର ମହାନ୍ତି, ଅନ୍ତର୍ଯ୍ୟାମୀ ପ୍ରଧାନ, ନିରୁପମା ସେଠୀ, ବିଷ୍ଣୁ ପ୍ରସାଦ ମହାନ୍ତି, ଅଖିଳ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଅପନୁରୂପ ଭାବେ ସରକାରୀ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ମକ୍ଷରୁ ସ୍ୱର୍ଗତ ଦାସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି।

## ୧୮ରୁ ୪୪ ବର୍ଷୀୟଙ୍କୁ ଟିକାକରଣର ଶୁଭାରମ୍ଭ

ମାଲକାନଗିରି,୯/୬ (ନି.ପ୍ର): ମାଲକାନଗିରି ପୌରପରିଷଦର ସମସ୍ତ ୧୯ ଟି ଯାକ ୱାର୍ଡ ରେ ରହୁଥିବା ୧୮ ରୁ ୪୪ବର୍ଷୀୟ ଲୋକଙ୍କୁ କୋଭିଡ ଟୀକା ପ୍ରଦାନ କାର୍ଯ୍ୟକ୍ରମ ର ଶୁଭଉଦଘାଟନ ଆଜି ମାଲକାନଗିରି ସଦର ମହକୁମା ବୁଟିଗୁଡା ବିଦ୍ୟାଳୟ ଠାରେ ଜିଲ୍ଲାପାଳ ଡ଼ଃ ୟେଦୁଲା ବିଜୟ କରିଛନ୍ତି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ପ୍ରଫୁଲ୍ଲ କୁମାର ନନ୍ଦ ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦାଧିକାରୀ ମାନେ ଉପସ୍ଥିତ ଥିଲେ । ଟୀକାକରଣ ନିମନ୍ତେ ବୁଟିଗୁଡା ସ୍କୁଲ ସହ ବିବିଗୁଡା ସ୍କୁଲ,ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଠାରେ ଟୀକା ପ୍ରଦାନ କେନ୍ଦ୍ର କରାଯାଇଛି। ସକାଳ ୯ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଟୀକା ପ୍ରଦାନ କରାଯିବ। ଏହି ଟୀକାକରଣ କାର୍ଯ୍ୟକ୍ରମ ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୧୬ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିୟୋଜିତ କରାଯାଇଛି ।

## ହିତାଧିକାରୀ ଚୟନରେ ତ୍ରୁଟି : ମିଳୁନି କାଳିଆ ଯୋଜନା ଟଙ୍କା

କେନ୍ଦ୍ରାପଡ଼ା,୯/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଅଂଚଳରେ କାଳିଆ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ତ୍ରୁଟି ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଚାଷୀମାନେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ବନ୍ୟା ଅଂଚଳର ଅଳପୁଆ, ତରଡିପାଳ, ପେଣ୍ଠପାଳ, ସିଂହଗାଁ, ଅଣ୍ଡରା, ଅମୃତମଣୋହୀ ଓ ବଲୁରିଆ ଆଦି ଗ୍ରାମ ପଂଚାୟତର କୃଷକ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ୨୦୧୮-୧୯ ରେ କାଳିଆ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨୫ ହଜାର ଲେଖାଏଁ ପଠାଯିବାର ବ୍ୟବସ୍ଥା କରାଯାଇ ଥିଲା। ମାତ୍ର ହିତାଧିକାରୀ ଚୟନରେ ବହୁ ତ୍ରୁଟି ବିଚ୍ୟୁତି କରାଯାଇ ଥିବା ଜଣାପଡି ଥିଲେ ମଧ୍ୟ ସାଧାରଣ ନିର୍ବାଚନ ଯୋଗୁଁ ଆପତି ଅଭିଯୋଗ ଶୁଣାଯାଇ ନଥିଲା । ପରେ ଗ୍ରାମ ପଂଚାୟତ ଓ ସମବାୟ ସମିତି ମାଧ୍ୟମରେ ସବୁଜ ରଙ୍ଗର ଦରଖାସ୍ତ ଫର୍ମରେ ଦରଖାସ୍ତ କରିବା ସହ ଅନଲାଇନରେ ରାସନକାର୍ଡ ଓ ଆଧାର ନଂ ମଧ୍ୟ ପଞ୍ଜିକରଣ କରାଯାଇଥିଲା । ତଥାପି ହିତାଧିକାରୀ ଚୟନରେ ନାମ ସାମିଲ ହୋଇପାରିଲା ନାହିଁ । ତେବେ ସରକାର କାଳିଆ ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ଚାଷି ମାନଙ୍କ ଖାତାକୁ ପଠାଇଥିବା ବେଳେ ବଂଚିତ ଚାଷିମାନେ ପ୍ରଥମ କିସ୍ତିଓ ଦ୍ୱିତୀୟ କିସ୍ତି କୌଣସି ଟଙ୍କା ପାଇ ନାହାଁନ୍ତି । ଅନ୍ୟ କେତେକଙ୍କ ପ୍ରଥମ କିସ୍ତି ଟଙ୍କା ମିଳିବା ପରେ ଦ୍ୱିତୀୟ କିସ୍ତି ଟଙ୍କା କାଟି ଦିଆଯାଇ ଥିବା ଅଭିଯୋଗ ହେଉଛି । ଏହି ତ୍ରୁଟିର ସମାଧାନ କରାଯାଇ ବଂଚିତ ଚାଷୀ ମାନଙ୍କୁ କାଳିଆ ଯୋଜନାରେ ସାମିଲ ପାଇଁ ବିଜୁ ଶ୍ରମିକ ସାମୁକ୍ଷ୍ୟର ରାଜ୍ୟ ସାଧାରଣ ସଂପାଦକ ଡାକ୍ତର ଗଦାଧର ମଲିକଙ୍କ ସମେତ ନାରଦ ଚନ୍ଦ୍ର ବିଶ୍ୱାଳ, ଗଗନ ମହାଲିକ, ଚିତରଞ୍ଜନ ମଲିକ, ସିଦ୍ଧାର୍ଥ ଦାସ, ଧନେଶ୍ୱର ପ୍ରଧାନ, ଅଜୟ ବିଶ୍ୱାଳ, ଅଞ୍ଜନ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ୧ କୋଟିର ଗଞ୍ଜେଇ ଜବତ : ୨ ଗିରଫ

ଜୟପୁର,୯/୬ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢଉ କରିଛି । ଏହି ମାମଲାରେ ୨ ଜଣକୁ ଗିରଫ କରିଛି । ୬ ଚକିଆ ଟ୍ରକରେ ଏହି ଗଞ୍ଜେଇ ମହାରାଷ୍ଟ୍ର ଚାଲାଣ ହେଉଥିବା ବେଳେ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ସୂଚନା ପାଇ କୋରାପୁଟ ଘାଟିରେ ଚଢଉ କରିଥିଲେ । ଅଭିନବ ଉପାୟରେ ମୁଢି ବସ୍ତା ଭିତରେ ଗଞ୍ଜେଇ ରଖି ଚାଲାଣ ହେଉଥିଲା । ଉକ୍ତ ଟ୍ରକକୁ ସଦର ଥାନାକୁ ଆଣି ଯାଂଚ୍ କରାଯାଇଥିଲା। ମାଜିଷ୍ଟ୍ରେଟ ଉପସ୍ଥିତିରେ ଓଜନ କରାଯାଇଥିଲା । ୨ ଶହ ପ୍ୟାକେଟରେ ୧୦ କ୍ୱିଂଟାଲ ୯୯ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ହେବ । ଟ୍ରକ୍ ନଂ ଏମଏଚ-୧୮-ବିଜି-୫୫୪୧, ୨ଟି ମୋବାଇଲ ଜବତ କରିଛି ପୋଲିସ । ଏହି ମାମଲାରେ ୨ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ମହାରାଷ୍ଟ୍ରର ଚନ୍ଦ୍ରକାନ୍ତ ସୁବାଷ ପାଟିଲ (୫୦) ଓ ରାଜେନ୍ଦ୍ର ଦେବି ଦାଶ ପାଟିଲ (୩୦ ) । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ହେବ । ଏମାନଙ୍କ ନାମରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି ।

## ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ: ଦୁଇଟି ଅବକାରୀ ମାମଲା ରୁଜୁ, ୨ ଗିରଫ

### ୧ ଲକ୍ଷ ୪୯ ହଜାର ୬୦୦ ଜୋରିମାନା ଆଦାୟ

ଗଞ୍ଜାମ,୯/୬ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ବ୍ରହ୍ମପୁର ପୋଲିସ ପକ୍ଷରୁ ଦୁଇଟି ଅବକାରୀ ମାମଲା ରୁଜୁ କରାଯିବା ସହିତ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ୨୩୦ ଜଣଙ୍କ ଚାଲାଣ କଟାଯିବା ସେମାନଙ୍କୁ ୧ ଲକ୍ଷ ୧୫ ହଜାର ଟଙ୍କା ଜୋରିମାନା କରାଯାଇଛି। ମୁହଁରେ ମାସ୍କ ପିନ୍ଧିନଥିବା ଲୋକ ମାନଙ୍କ ଠାରୁ ୨୩,୬୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସାମାଜିକ ଦୂରତା କଟକଣା ଉଲ୍ଲଙ୍ଘନ କରିଥିବା ୮ ଜଣଙ୍କ ଠାରୁ ୪୦୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ରାତ୍ରୀକାଳୀନ କର୍ଫ୍ୟୁ ଉଲ୍ଲଙ୍ଘନ କରିଥିବା ୪ ଜଣ ଅମାନିଆଙ୍କ ଠାରୁ ୧୮୦୦ ଜୋରିମାନା ଆଦାୟ କରାଯାଇଛି। ତିନୋଟି ଦୋକାନକୁ ବନ୍ଦ କରାଯିବା ସହ ସମ୍ପୃକ୍ତ ଦୋକାନୀ ମାନଙ୍କ ନିକଟରୁ ୫୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହିପରି ଜୋରିମାନା ବାବଦକୁ ମୋଟ୍ ୧ ଲକ୍ଷ ୪୯ ହଜାର ୬୦୦ ଟଙ୍କା ଆଦାୟ କରାଯାଇଛି ।

## କୃଷକ କଲ୍ୟାଣ ମଂଚ ପକ୍ଷରୁ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ଜୟପୁର,୯/୬ (ନି.ପ୍ର): କୃଷକ କଲ୍ୟାଣ ମଂଚ ତରଫରୁ ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରିଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଛି । ମଂଚର ଶତାଧିକ ଚାଷି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ଯୋଗାଣ ଅଧିକାରିଙ୍କୁ ୫ ଦଫା ସମ୍ବଳିତ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ।

ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରବି ଧାନ ବିକ୍ରି ସକାଶେ ଟୋକନ୍ ଅବଧି ୧୨ ଦିନ ପରିବର୍ତ୍ତେ ୧ ମାସ କରାଯାଉ । ବିଗତ ଖରିଫ ମଣ୍ଡିରେ ପ୍ରଶାସନିକ ଅବହେଳା ଯୋଗୁଁ ଜିଲାର ୧ ହଜାରରୁ ଉର୍ଦ୍ଧ୍ୱ ଚାଷି ଧାନ ବିକ୍ରୀ କରିପାରୁ ନାହାଁନ୍ତି। ତେଣୁ ତାହାର ପୁନାରାବୃତି ଯେପରି ନହୁଏ ପ୍ରଶାସନ ଦୃଷ୍ଟି ଦିଅନ୍ତୁ । ମଣ୍ଡି ଦିବସରେ ଆସିଥିବା ସମସ୍ତ ଧାନ ସେହିଦିନ ହିଁ କ୍ରୟ କରି ଆଇ ସ୍କେନ କରିବା ସହିତ ପର୍ଯ୍ୟାପ୍ତ ଗାଡିର ବ୍ୟବସ୍ଥା କରାଯାଉ, ଫଲସ ଏଂଟ୍ରି ବନ୍ଦ କରାଯିବା ସହିତ ମଣ୍ଡିର ଭିଡିଓ ରେକର୍ଡିଂ କରାଯାଉ, କ୍ରୟକାରୀ ସଂସ୍ଥା କମିଶନ ଏଜେ ସାଜି ନିଜର ଦାୟିତ୍ୱ ପାଳନ କରୁ ନାହାଁନ୍ତି, ଫଳରେ ଚାଷୀ ବହୁ ହଇରାଣ ହେବା ସହିତ ଉଚିତ ସମୟରେ ଧାନବିକ୍ରୀ କରି ପାରୁ ନାହାଁନ୍ତି । ସେଥି ପ୍ରତି ଦୃଷ୍ଟି ଦିଆଯାଉ । କୋଭିଡ- ୧୯ ପରି ମହାମାରୀ ସମୟରେ ଦେଶକୁ ବଂଚାଇ ରଖିଥିବା ଅନ୍ନଦାତାଙ୍କୁ ସରକାର ନୀତି ନିୟମର ଆଳ ଦେଖାଇ ଯେପରି ଶୋଷଣ ଓ ହଇରାଣ କରୁଛନ୍ତି ତାହା ବନ୍ଦ କରିବା ଆଦି ଦାବୀ ରହିଛି । ଦାବି ପତ୍ରର ନକଲ ଉପ ଜିଲାପାଳ, ଜୟପୁର ସ୍ଥିତ ଡିଆରସିଏସଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ମଂଚର ସମ୍ପାଦକ ନରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଚାଷି ଦାବିପତ୍ର ପ୍ରଦାନ ସମୟରେ ସେଠାରେ ଉପସ୍ଥିତ ଥିଲେ ।

## ବାଣପୁରରେ ପୋଲିସ ଏବଂ ଅବକାରୀ ବିଭାଗର ଚଢାଉ: ନଷ୍ଟ କରାଗଲା ୬ ହଜାର ଲିଟରରୁ ଉର୍ଦ୍ଧ୍ୱ ମଦ ପୋଚ

ଖୋର୍ଦ୍ଧା,୯/୬ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ବ୍ଲକ ଦାମିଆ ବରବରା ପଂଚାୟତର ବିଭିନ୍ନ ଗ୍ରାମରେ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଭାଟି ଉପରେ ମିଳିତ ଚଢ଼ାଉ କରାଯାଇଥିଲା। ଦାମିଆ ବରବରାର କୋଷରଢ଼ା ଏବଂ ପ୍ରଧାନ ସାହି ଗ୍ରାମରେ ଆଜି ସକାଳ ୭ ଘଟିକାରୁ ପୂର୍ବାହ୍ନ ୧୧ ଘଟିକା ଯାଏଁ ଉକ୍ତ ଚଢ଼ାଉ ଜାରି ରହିଥିଲା। ଖୋର୍ଦ୍ଧା ଜିଲ୍ଲା ଅବକାରୀ ଉପ ଅଧିକ୍ଷିକା ସୁମିତ୍ରା ଓରାମ ଏବଂ ବାଣପୁର ପୋଲିସ ଏସ ଆଇ ପ୍ରସନ୍ନ ଜେନାଙ୍କ ମିଳିତ ନେତୃତ୍ୱରେ ଉକ୍ତ ଚଢାଉ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଢାଉ ସମୟରେ ମୋଟ ୬ ହଜାର ଲିଟର ଦେଶୀ ମଦ ପୋଚ ଏବଂ ୧୭୫ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଦିଆଯାଇଛି।

ଉକ୍ତ ଚଢାଉରେ ବାଣପୁର ଅତିରିକ୍ତ ତହସିଲଦାର ପ୍ରମୋଦ ପାଢ଼ୀ, ବାଲୁଗାଁ ଅବକାରୀ ସବ ଇନ୍ସପେକ୍ଟର ମନୋଜ କୁମାର ବାରିକ, ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଆଲୋକ ପ୍ରଧାନ, ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ, ଭୁବନେଶ୍ୱର ଅବକାରୀ ସବ ଇନ୍ସପେକ୍ଟର ନାରାୟଣ ଜେନା, ଅଂଶୁମାନ ଜେନା ଏବଂ ପୋଲିସ ଫୋର୍ସ ସାମିଲ ଥିଲେ। କିନ୍ତୁ ଦେଶୀ ମଦ ବେପାରୀ ପାହାଡିଆ ଅଞ୍ଚଳର ସୁଯୋଗ ନେଇ ଘଟଣାସ୍ଥଳରୁ ଖସି ପଳାଇଥିଲେ।

## ଧାନ ଧରି ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

ଜୟପୁର,୯/୬ (ନି.ପ୍ର): ଜୟପୁର ଆରଏମସି ୟାର୍ଡ ମଣ୍ଡିରେ ଧାନ ଉଠୁ ନାହିଁ । ଗତ କାଲି ଠାରୁ ଚାଷୀ ମାନେ ଅପେକ୍ଷା କରିଥିଲେ ମଧ୍ୟ କାହାର ଦେଖା ନାହିଁ । ଏନେଇ ଚାଷୀମାନେ ଏକତ୍ରିତ ହୋଇ ଜାତୀୟ ରାଜପଥ ୨୬ର ଆରଏମସି ଅଫିସ ନିକଟେର ଧାନ ଧରି ଚାଷୀମାନେ ରାସ୍ତା ଅବରୋଧ କରି ଧାରଣାରେ ବସିଛନ୍ତି । ଚାଷୀ ଶେଷରେ କିଛି ଚାରା ନପାଇ ରାସ୍ତା ଅବରୋଧ କରିବାକୁ ନିଷ୍ପତି ନେଲୁ । ସୁବାଶିତ ତ୍ରିପାଠିଙ୍କ କହିବାନୁଯାଇ ଜୟପୁର ଆରଏମସି ୟାର୍ଡରେ ୩ ଶହରୁ ୪ ଶହ ଚାଷୀଙ୍କ ୩୦ ହଜାର କ୍ୱିଂଟାଲ ଧାନ ମଣ୍ଡିରେ ପଡିଛି । ଧାନ ଉଠାଇବା ନେଇ ପ୍ରଶାସନ କିଛି ପଦକ୍ଷେପ ନେଇ ନାହିଁ। ଜିଲା ଯୋଗାଣ ଅଧିକାରି କି ମିଲରସ ଙ୍କ ଦେଖା ନାହିଁ। କାହାରବର୍ଷା ହେଲା ସମସ୍ତ ଙ୍କ ଧାନ ଓଦା ହେଲା । ପୁଣି ଆସନ୍ତା କାଲି ଆସିବେ ୪କେଜି ସ୍ଥାନରେ ୬ କେଜି ୧୦ କେଜି କାଟନି ଛାଟନି କରିବାକୁ କହିବେ । ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ପ୍ରଶାସନ ଚାହୁଁ ନାହିଁ । ପ୍ରଶାସନ ଓ ମିଲର ମଧୁଚନ୍ଦ୍ରିକା ଥିବାରୁ ଚାଷୀ ଏଠି ହଇରାଣ ହେଉଛି । ଅନ୍ୟ ମଣ୍ଡିରେ ଧାନ ଉଠୁଛି ଏଠି ଉଠୁ ନାହିଁ । ଚାଷୀ ରାଧା ନାଥ ପଣ୍ଡାଙ୍କ କହିବାନୁଯାଇ ସକାଳୁ ଠାରୁ ରଣ୍ଡାପାଲ୍ଲି, ଉମୁରି, ଗଡପଦର , ଅନ୍ତା ଚାଷି ଧାନ ଆଣି ମଣ୍ଡିରେ ନେଟ ମାରିଲେ । କାହାର ଦେଖା ନାହିଁ ଏମିତି ବସିଛନ୍ତି । ଗାଡି ଆସୁ ନାହିଁ । ବର୍ଷା ଆସିଲାରୁ ଚାଷୀ ହତାଶ ହୋଇ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ କୁ ଯାଇଥିଲୁ ସେଠାରେ ତାଲା ପଡିଛି । ଅଧିକାରିଙ୍କୁ ଘରକୁ ଯାଇଥିଲୁ ଘରେ ନାହାନ୍ତି କହିଲେ । ଏମିତି ବାରମ୍ବାର ଫୋନ କରୁଛନ୍ତି କାହାର ରେସପଣ୍ଡ ନାହିଁ। ଘଟଣା ସ୍ଥଳରେ ଜୟପୁର ସଦର ପୋଲିସ ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର ପ୍ରମୁଖ ପହଂଚିଛନ୍ତି । ଧାରଣା ଯୋଗୁଁ ଉଭୟ ପଟେ ଗାଡି ଅଟକି ରହିଛି।

## ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକଙ୍କ ମୃତ୍ୟୁ

ଜୟପୁର,୯/୬ (ନି.ପ୍ର): କୋରାପୁଟ ଜିଲା ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠିଙ୍କ ପରଲୋକ ହୋଇଛି । ଗତକାଲି ବିଳମ୍ବିତ ରାତ୍ରରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଛି ।ଏହି ଖବର ପ୍ରଚାରିତ ହେବା ପରେ ଅବିଭକ୍ତ କୋରାପୁଟ ଜିଲାରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ସାଧାରଣ ସମ୍ପାଦକ ଦୁର୍ଗା ତ୍ରିପାଠିଙ୍କ ପରଲୋକରେ ହସ୍ତତନ୍ତ ମନ୍ତ୍ରୀ ପଦ୍ମିନି ଦିଆନ, ନବରଙ୍ଗପୁର ସାଂସଦ ରମେଶ ମାଝୀ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ସହ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ବସ୍ ମାଲିକ ସଂଘ ଓ କର୍ମଚାରୀ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଶୋକ ବ୍ୟକ୍ତ କରାଯାଇ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି । ଆଜି ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି ।

## ଅସହାୟ ଆଡ଼ମାକୁ ଭତ୍ତା ମିଳିବ କେବେ ?

ମାଲକାନଗିରି,୯/୬ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ମାରିଡିମେଟଲା ଗ୍ରାମର ଆଡମା କବାସୀ ଦୀର୍ଘ ଦିନ ଧରି ଅସହାୟ ହୋଇ ନିଜ ଘରେ ପଡ଼ି ରହିଛନ୍ତି । ପିଲାଟି ଦିନରୁ ଆଡମାଙ୍କ ଡାହାଣ ଗୋଡ ଦୁର୍ବଳ ହୋଇପଡିଥିଲା । ସମୟ କ୍ରମେ ସଂଘର୍ଷ କରି ନିଜ ପତ୍ନୀ ମୁୟେ କବାସୀ ଓ ଦୁଇଜଣ ଝିଅ ଙ୍କ ପେଟ ପୋଷି ଆସୁଛନ୍ତି ସେ । ବୟସ ବଢିବା ସହ ଡାହାଣ ଗୋଡ କ୍ଷୀଣ ହେବାକୁ ଲାଗିବାରୁ ଅତ୍ୟନ୍ତ କଷ୍ଟରେ ଚାଷବାସ କରି ପାରିବାର ଲୋକଙ୍କ ପେଟ ପୋଷିବା ସହ ଦୁଇ ଝିଅ ଙ୍କ ବିବାହ ମଧ୍ୟ କରାଇଛି ଆଡମା। ଗତ କିଛି ବର୍ଷ ହେଲା ଅସହାୟ ହୋଇପଡ଼ି ଥିବାରୁ ଏବେ ସେ ନିଜ ର ପୁତୁରା ଓ ପୁତୁରା ବୋହୂ ଙ୍କ ସହ ନିଜ ଗ୍ରାମ ମାରିଡିମେଟଲା ରେ ରହି ଆସୁଛନ୍ତି । ବର୍ଷ ବର୍ଷ ଧରି କଷ୍ଟେମଷ୍ଟେ ଚାଲିବୁଲି ପାରୁଥିଲେ ମଧ୍ୟ ନିଜର ଦୁର୍ବଳ ଗୋଡ଼ର ସହଯୋଗରେ ଚାଷବାସ କରି ପରିବାର ପୋଷଣ କରିଆସୁଥିବା ଆଡମା ବର୍ତ୍ତମାନ କାମଧାମ କରି ପାରୁନଥିବାରୁ ନିଜକୁ ପରିବାର ପାଇଁ ବୋଝ ମନେ କରୁଥିବା କହିଛି। ଗତ କିଛି ବର୍ଷଧରି ବାମ ହାତ ଟି ମଧ୍ୟ ଦୁର୍ବଳ ହୋଇପଡିବାରୁ ସେ ଦିନତମାମ ଘରେ ଅସହାୟ ଭାବେ ପଡ଼ି ରହିଛନ୍ତି। ଏପରି ସ୍ଥିତିରେ ସେ ସ୍ଥାନୀୟ କର୍ମଚାରିଙ୍କ ସହଯୋଗରେ ନିଜର ଶାରୀରିକ ସ୍ଥିତ ସମ୍ପର୍କରେ ଅବଗତ କରାଇବା ସହ ଭତା ଟଙ୍କା ପାଇଁ ଗୁହାରି କରିଥିଲେ ମଧ୍ୟ କାହାର ଦୃଷ୍ଟି ପଡୁନଥିବା ଅଭିଯୋଗ କରିଛନ୍ତି। ଏଥି ପାଇଁ ଆଡମା ର ଶାରୀରିକ ସ୍ଥିତି ସମ୍ପର୍କରେ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି।

## ୯୭ ଲିଟର ବିଦେଶୀ ମଦ ଜବତ: ୨ ଗିରଫ

ଜୟପୁର,୯/୬ (ନି.ପ୍ର): କୋରନା ମହାମାରୀ ଉପରେ ରୋକ୍ ଲଗାଇବା ପାଇଁ ଜିଲା ପ୍ରଶାସନ ତରଫରୁ ଲକ୍ ଡାଉନ ଓ ସଟ୍ ଡାଉନ ଜାରି ରହିଛି । ଏହାର ଫାଇଦା ନେଇ ଜୟପୁର ସହରରେ ବେନିୟମ ଭାବେ ବିଦେଶୀ ମଦ କାରବାର ଜୋରସୋରରେ ଚାଲିଛି । ଖବର ପାଇ ଜୟପୁର ଟାଉନ ପୋଲିସ ଚଢ଼ଉ କରିଛି । ଜୟପୁର ନୂଆ ସାହି ୪ର୍ଥ ଲାଇନ ଓ ପାଇଲ ସାହିରେ ଚଢଉ କରିଛି । ଚଢଉ କରି ୨ ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ନୂଆ ସାହିର ସନ୍ତୋଷ କୁମାର ମାର୍ଥା, ପାଇଲ ସାହିର ଘାସି ନାୟକ । ଏମାନଙ୍କ ଠାରୁ ବିଭିନ୍ନ ବ୍ରାଣ୍ଡର ୨୮୮ ବୋଟଲରେ ୯୭ ଲିଟର ବିଦେଶୀ ମଦ ଜବତ ହୋଇଛି । ଅବକାରୀ ଆଇନରେ ୨ଟି ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଜୟପୁର ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି ।

## ଆନ୍ଧ୍ରକୁ ବାଲି ଚୋରା ଚାଲାଣ ଘଟଣା : ତଦନ୍ତ ନିର୍ଦ୍ଦେଶ ଦେଲେ ରାଜସ୍ୱ ସଚିବ



ରାୟଗଡ଼ା,୯/୬ (ନି.ପ୍ର): ଆନ୍ଧ୍ରକୁ ବେଆଇନ ବାଲି ଚାଲାଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ। ୨୪ ଘଣ୍ଟା ମଧ୍ୟରେ ଉପଜିଲ୍ଲାପାଳ ଓ ତହସିଲଦାର ମିଳିତ ଭାବେ ଲିଜ୍ ଅଞ୍ଚଳ ପରିଦର୍ଶନ କରି ରିପୋର୍ଟ ଦେବାକୁ ସଚିବ କହିଛନ୍ତି। ଲିଜ୍ ଚୁକ୍ତିନାମା ପରଠୁ ଆଜି ପର୍ଯ୍ୟନ୍ତ କେତେ ବାଲି ଉଠିଛି, କେଉଁ ଅଞ୍ଚଳକୁ ଚାଲାଣ ହୋଇଛି ତାର ସବିଶେଷ ତଥ୍ୟ ପ୍ରଦାନ କରିବାକୁ ତଦନ୍ତ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଆନ୍ଧ୍ରକୁ ବାଲି ଚୋରା ଚାଲାଣ ସଂପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପରେ ବିଭାଗୀୟ ସଚିବ ତତ୍ପରତା ପ୍ରକାଶ କରି ତଦନ୍ତ କରିବାକୁ ରାୟଗଡ଼ା ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବଙ୍କ ନିର୍ଦ୍ଦେଶ ପରେ ଆଜି ଅପରାହ୍ଣ ୪ଟାରେ ଉପଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ତହସିଲଦାର ଉମାଶଙ୍କର ବେହେରା ଖିଲିମିସିଗୁଡା ବାଲିଘାଟ ପରିଦର୍ଶନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ପ୍ରଧାନ ପହଞ୍ଚିବା ପୂର୍ବରୁ ଲିଜଧାରୀ ନଦୀଶର୍ଯ୍ୟାରେ ଉପସ୍ଥିତ ଥିଲେ। ଲିଜ୍ ଅଞ୍ଚଳରେ ଉତ୍ତୋଳନ ପାଇଁ ବାଲି ନଥିବାରୁ ଲିଜ୍ ଅଞ୍ଚଳ ବାହାରେ ଲିଜଧାରୀ ବାଲି ଉତ୍ତୋଳନ କରୁଥିବା ତଦନ୍ତ ସମୟରେ ଜଣା ପଡିଥିଲା। ଏପରିକି ବର୍ତ୍ତମାନ ବାଲି ଉଠୁଥିବା ସ୍ଥାନରୁ ୩୦୦ ମିଟର ଦୂରରେ ପୋଲ ନିର୍ମାଣ ହୋଇଛି। ପୋଲର ସୁରକ୍ଷା ଦୃଷ୍ଟିକୋଣରୁ ପୋଲ ନିକଟରୁ ୫୦୦ ମିଟର ଦୂର ପର୍ଯ୍ୟନ୍ତ ବାଲି ନ ଉଠାଇବାର ନିୟମ ରହିଛି। କିନ୍ତୁ ଲିଜଧାରୀ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ରାଜସ୍ୱ ବିଭାଗ ଅଧିକାରୀଙ୍କ ମୋଟା ଅଙ୍କର ଉକତ୍ରୋଚ ଦେଇ ଉତ୍ତୋଳନ ଜାରି ରଖିଛନ୍ତି। ତାହା ପୁଣି ଜେସିବି ମାଧ୍ୟମରେ। ନଦୀଶର୍ଯ୍ୟାରେ ବାଲିନଥିବାରୁ ଲିଜଧାରୀ ଜେସିବି ସାହାର୍ଯ୍ୟରେ ନଦୀଗର୍ଭରୁ ବାଲି ଉତ୍ତୋଳନ କରି ଟ୍ରକ୍, ଟିପର ଜରିଆରେ ଆନ୍ଧ୍ରକୁ ଚାଲାଣ କରୁଛନ୍ତି। ଯାହାର ସମସ୍ତ ତଥ୍ୟ ଆଜି ତଦନ୍ତକାରୀ ଟିମ୍ ଅନୁଧାନ କରିଛନ୍ତି। ତେବେ ତଦନ୍ତକାରୀ ଟିମ୍ ପହଞ୍ଚିବା ପୂର୍ବରୁ ଲିଜଧାରୀ ଚତୁରତାର ସହ ନଦୀଗର୍ଭରୁ ଜେସିବି ମେସିନକୁ ସ୍ଥାନାନ୍ତର କରିବା ସହ ଉତ୍ତୋଳନକୁ ବନ୍ଦ କରି ଦେଇଥିଲେ। ଫଳରେ ଜେସିବି ମେସିନ୍ ଓ ଟ୍ରକ୍, ଟିପରରେ ବାଲି ଚାଲାଣ ସଂପର୍କରେ ତଦନ୍ତକାରୀ ଟିମକୁ କୌଣସି ସୁରାକ୍ ମିଳିନଥିଲା। ଯାହା ବିଭାଗୀୟ ଅଧିକାରୀଙ୍କୁ ଖସାଇବାରେ ସହାୟକ ହେବ ବୋଲି ଚର୍ଚ୍ଚା ହେଉଛି। ସେହିପରି ଲିଜଧାରୀଙ୍କୁ ପ୍ରଦାନ କରାଯାଇଥିବା ୱାଇ ଫର୍ମକୁ ମଧ୍ୟ ଯାଞ୍ଚ କରିଥିଲେ ଉପଜିଲ୍ଲାପାଳ। ହେଲେ ଲିଜଧାରୀ ଚଞ୍ଚକତାର ସହ ବାଲି ଚୋରା ଚାଲାଣ ପାଇଁ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ୱାଇ ଫର୍ମ ବ୍ୟବହାର କରିଥିବାରୁ ରାୟଗଡ଼ା ତହସିଲ ପକ୍ଷରୁ ପ୍ରଦାନ କରାଯାଇଥିବା ୱାଇ ଫର୍ମର ଅନିୟମିତତା ସଂପର୍କରେ ତଦନ୍ତକାରୀ ଟିମକୁ ବିଶେଷ ସଫଳତା ମିଳିନପାରେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ବେହେରାଗୁଡା, ଗୁଣପୁର ଉପଖଣ୍ଡର ଭାମିନି ନଦୀଶର୍ଯ୍ୟାରୁ ମଧ୍ୟ ବେଆଇନ ବାଲି ଉତ୍ତୋଳନର ତଦନ୍ତ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଉଭୟ ତଦନ୍ତକୁ ବିଭାଗୀୟ ଅଧିକାରୀ ବାଟବଣା କରି ଲିଜଧାରୀଙ୍କୁ ସୁହାଇବା ଭଳି ରିପୋର୍ଟ ସଚିବଙ୍କୁ ଦେଇଥିଲେ। ଯାହା ଫଳରେ ଲିଜଧାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇପାରିନି। ଭାମିନି ନଦୀଶର୍ଯ୍ୟା ଲିଜଧାରୀଙ୍କ ଲିଜକୁ ରାଜସ୍ୱ ବିଭାଗ ବାତିଲ୍ କରି ଦେଇଥିବା ବେଳେ ରାୟଗଡ଼ା ତହସିଲର ବେହେରାଗୁଡାରୁ ଏବେ ମଧ୍ୟ ବାଲି ଉତ୍ତୋଳନ ଜାରି ରହିଛି। ପ୍ରକାଶଥାଉକି, ରାୟଗଡ଼ା ତହସିଲ ଖିଲିମିସିଗୁଡା ବାଲିଘାଟ ୫ ବର୍ଷ ପାଇଁ ଲିଜ୍ ଦିଆଯାଇଛି। ୫ ବର୍ଷରେ ଲିଜଧାରୀ ୪୨ ହଜାର ୮୭୩ କ୍ୟୁବିକ ମିଟର ବାଲି ଉଠାଇବାକୁ ଚୁକ୍ତି ହୋଇଥିବା ବେଳେ ସବୁ ନୀତି ନିୟମକୁ ଉଲ୍ଲଂଘନ କରି ଦୁଇ ବର୍ଷରେ ଲିଜଧାରୀ ୨୦ ହଜାର କ୍ୟୁବିକ ମିଟର ବାଲି ଉଠାଇ ନେଇଥିବା ନେଇ ଅଭିଯୋଗ ହୋଇଛି।

## କେବୁଲ ବିଛା କମ୍ପାନୀକୁ ଦାଦାବଟି ମାଗି ୨ କୋର୍ଟ ଚାଲାଣ, ୩ ଫେରାର୍, ବୁଲେଟ ଜବତ

କେନ୍ଦ୍ରାପଡ଼ା,୯/୬ (ନି.ପ୍ର): ରିଲିଆନ୍ସ ଜିଓ ମୋବାଇଲ କମ୍ପାନୀ ପକ୍ଷରୁ କେନ୍ଦ୍ରାପଡା ସହରରେ କେବୁଲ ବିଛା କାମ ଆରମ୍ଭ ହୋଇଥିବା ବେଳେ ଦାଦାବଟି ମାଗି ୨ ଅଭିଯୁକ୍ତ କୋର୍ଟ ଚାଲାଣ ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଫେରାର୍ ଥିବା ଜଣାପଡିଛି । ଅଭିଯୋଗ ମୁତାବକ ରିଲାନ୍ସଜିଓ କମ୍ପାନୀ ପକ୍ଷରୁ କେନ୍ଦ୍ରାପଡା ସହରରେ କେବୁଲ ବିଛା କାମ ଆରମ୍ଭ କରାଯାଇଛି। ସହରର ଚାଟରାପାଟଣା ଅଂଚଳରେ ଏହିକାମ ଚାଲିଥିବା ବେଳେ ସେହି ଗ୍ରାମର କେତେକ ଯୁବକ ସଂପୃକ୍ତ କମ୍ପାନୀର ଏକଜୁକେଟିଭ ମ୍ୟାନଜର ବିକାଶ କୁମାର ପୃଷ୍ଟିଙ୍କୁ ମୋଟା ଅଙ୍କର ଦାଦାବଟି ମାଗିଥିବା ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ପୋଲିସ ୯୭/୨୧ରେ ଏକ ମାମଲା ରୁଜୁକରି ପ୍ରଭାତ କୁମାର ପାଣି ଓ ସୁଜିତ ରାଉତ ପ୍ରମୁଖ ୨ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୋଗରେ ନାମ ଥିବା ଟିଣ୍ଟୁ, ଗୁଡୁ, ରାଜାଙ୍କ ସମେତ ଅନ୍ୟ ୨୦ ରୁ ୩୦ ଜଣ ଯୁବକ ଫେରାର୍ ଥିବା ଜଣାପଡିଛି । ଏହି ମାମଲାରେ ପୋଲିସ ଏକ ବୁଲେଟ ମଟର ସାଇକେଲ କୁ ଜବତ କରିଥିବା ବେଳେ ଏକ ସ୍କରପିଓ ଗାଡିକୁ ଖୋଜୁଥିବା ଜଣାପଡିଛି ।

## ଝିପିଝିପି ବର୍ଷା: ଜନଜୀବନ ଆଶ୍ୱସ୍ତ

କଣାସ,୯/୬ (ନି.ପ୍ର): ଦୀର୍ଘ ୮ଦିନ ହେଲା ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର ଗାଁ ଗହଳିରେ ଅସହ୍ୟ ରୌଦ୍ରତାପ ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଆଜି ମଧ୍ୟ ଅସହ୍ୟ ଗୁଳୁଗୁଳି ଓ ରୌଦ୍ରତାପ ଯୋଗୁଁ ଜନସାଧାରଣ ଝଟପଟ ହେଉଥିବା ବେଳେ ଅପରାହ୍ନରେ ଝିପିଝିପି ବର୍ଷା ଓ ପବନ ସହିତ ଘଡଘଡି ପରିବେଶକୁ ଟିକେ ଥଣ୍ଡା କରିଦେଇଥିବାରୁ ଜନସାଧାରଣ ଆଶ୍ୱସ୍ତ ହୋଇଛନ୍ତି ।

## ସାବିତ୍ରୀ ଓ ରଜ ପାଇଁ କଣାସ ବ୍ଲକର ବିଭିନ୍ନ ବଜାରରେ ଭିଡ଼: କୋଭିଡ୍ କଟକଣାକୁ ଫୁ

କଣାସ,୯/୬ (ନି.ପ୍ର): ଆଗକୁ ସାବିତ୍ରୀ ଓ ରଜ ପର୍ବ ଥିବାରୁ କଣାସ ଅଂଚଳରେ ରହିଥିବା ଲୁଗାଦୋକାନ, ସୁନାଦୋକାନ, କ୍ଷେସନାରୀ ଦୋକାନ ମାନଙ୍କରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଆମାନିଆଙ୍କୁ ସାବାଡ କରିବା ପାଇଁ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଅତିରିକ୍ତ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ, କଣାସ ଥାନା ଆଇ.ଆଇ.ସି ତପନ ରାଉତ ପେଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲେ ମଧ୍ୟ ଦୋକାନୀମାନେ ଅଧିକାରୀମାନଙ୍କ ସହିତ ଲୁଚକାଳି ଖେଳୁଥିବା ଦେଖିବାକୁ ମିଳିଛି । ତହସିଲଦାର ଓ ଅତିରିକ୍ତ ତହସିଲଦାର ଦୋକାନ ବାରମ୍ବାର ସିଲ୍ କରୁଥିଲେ ମଧ୍ୟ ଅନେକ ଦୋକାନୀ କୋଭିଡ୍ ନିୟମକୁ ମାନୁନଥିବା ଜଣାପଡିଛି । କଣାସ ବଜାରରେ ଆଜି ଏପରି ଗହଳି ହୋଇଥିଲା ଯେ କୁଞ୍ଜେଶ୍ୱରୀ ଛକଠାରୁ ଗୋଲାବଜାର ପର୍ଯ୍ୟନ୍ତ ଅଧକିଲୋମିଟର ରାସ୍ତା ଯିବାପାଇଁ ଲୋକଙ୍କୁ ଘଂଟା ଘଂଟା ସମୟ ଲାଗିଥିଲା । ଯଦି ଆଗକୁ ସ୍ଥିତି ଏପରି ରହେ ତେବେ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ରହିଛି ।

# ସାବିତ୍ରୀ ବ୍ରତ ଓ ତାହାର ମହିମା



ଅମୂଲ୍ୟ କୁମାର ପଣ୍ଡା

ଜ୍ୟୈଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ଓଡ଼ିଶାରେ ସଧବା ନାରୀ ମାନଙ୍କର ଏକ ମୁଖ୍ୟ ବ୍ରତ ବା ଓଷା । ସାବିତ୍ରୀ ସାଧ୍ୱୀ ନାରୀଙ୍କର ଆଦର୍ଶ, ତେଣୁ ନିଜ ପତିଙ୍କର ଦୀର୍ଘ ଆୟୁଷ ନିମନ୍ତେ ମଙ୍ଗଳ ମନାସି ସଧବା ସ୍ତ୍ରୀ ମାନେ ସାବିତ୍ରୀଙ୍କ ପରି ଆଜୀବନ ସଧବା ହେବା ପାଇଁ ଏ ପବିତ୍ର ଓଷା ପାଳନ କରିଥାନ୍ତି। ସତୀ ସାବିତ୍ରୀଙ୍କ ଏହି ବ୍ରତ ଓଡିଶା ସମେତ ଭାରତରେ ପ୍ରତିବର୍ଷ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ତିଥି ଟି ସାବିତ୍ରୀ ଅମାବାସ୍ୟା ରୂପେ ପାଳନ ହୋଇ ଆସୁଅଛି । ସାବିତ୍ରୀ କେବଳ ଅଶ୍ୱପତିଙ୍କ କନ୍ୟା, ସତ୍ୟବାନଙ୍କ ପତ୍ନୀ ବା ଦ୍ୟୁମତସେନଙ୍କ ପୁତ୍ର ବଧୂ ନୁହନ୍ତି ସେ ଓଡିଶା ସମେତ ଭାରତର ପ୍ରତି ଗୃହେ ସତୀତ୍ୱର ଏକ ଉଜ୍ଜଳ ସ୍ତମ୍ଭ ଓ ଆଦର୍ଶ ରୂପେ ବନ୍ଦନୀୟା ହୋଇ ପାରିଛନ୍ତି । ନାରୀ ଜୀବନର ପତି ଏକମାତ୍ର ଧ୍ୟେୟ । ପତି ସେବାରେ ନାରୀ ତା ଜୀବନର ସମସ୍ତ ପୁଣ୍ୟ ଫଳ ପାଏ । ଯେଉଁ ସ୍ତ୍ରୀ ପିତା, ପତି ବା ପୁତ୍ରଠାରୁ ଅନୁମତି ନ ପାଇ ବ୍ରତ କରେ, ତାହାର ସେ ବ୍ରତ ନିଷ୍ଫଳ, କିନ୍ତୁ ପତିଙ୍କଠାରୁ ଅନୁମତି ପାଇ ସ୍ତ୍ରୀ ସବୁ ବ୍ରତ କରିପାରେ । ସାବିତ୍ରୀ ଏ ନିୟମର ଉଲ୍ଲଙ୍ଘନ କରି ନାହାନ୍ତି । ସତ୍ୟବାନଙ୍କ ମୃତ୍ୟୁ ସୁନିଶ୍ଚିତ ଜାଣି ସେ ପୂର୍ବରୁ ସମସ୍ତଙ୍କଠାରୁ ଅନୁମତି ନେଇ ଏକ କଠୋର ବ୍ରତ କରିଛନ୍ତି । ସାବିତ୍ରୀ ଆଜି ପ୍ରତ୍ୟେକ ନାରୀ ହୃଦୟର ଅଧିଷ୍ଠାତ୍ରୀ ଦେବୀ, ନମସ୍ୟା ଓ ଚିର ବନ୍ଦନୀୟା ହୋଇ ରହି ଆସିଛନ୍ତି ଓ ରହି ଆସୁଥିବେ ମଧ୍ୟ । ତାଙ୍କର ଗୁରୁ ଭକ୍ତି, ପିତାମାତାଙ୍କ ପ୍ରତି ଅନୁରାଗ ଓ ସର୍ବୋପରି ସତ୍ୟପ୍ରତି ନିଷ୍ଠା ଓ ପତିବ୍ରତା ତାଙ୍କୁ ମାନବୀ ସ୍ତରରୁ ନେଇ ଦେବୀ ସ୍ତରରେ ପହଞ୍ଚାଇ ପାରିଛି ।ସାବିତ୍ରୀ ଥିଲେ ସଦା ପରୋପକାରୀ ଆଉ ସତ୍ୟନିଷ୍ଠ ଆଉ ସେ କେବେ ସ୍ୱାର୍ଥୀ ନଥିଲେ । ଯମଙ୍କ ପ୍ରଥମ ବରଦାନ ବେଳେ ସେ ମାଗିଛନ୍ତି ଯେ ତାଙ୍କ ଶ୍ୱଶୁର ଅନ୍ଧ ଓ ରାଜ୍ୟହୀନ ତେଣୁ ସେ ଶ୍ୱଶୁରଙ୍କ ଦୃଷ୍ଟିଶକ୍ତି ଓ ରାଜ୍ୟ ପ୍ରାପ୍ତ ହୁଅନ୍ତୁ । ତାଙ୍କର ଦ୍ୱିତୀୟ ବରଭିକ୍ଷା ନିଜ ପିତାଙ୍କ ସପକ୍ଷରେ ଯେ ତାଙ୍କ ପିତାଙ୍କର ପୁତ୍ର ନାହିଁ ତେଣୁ ତାଙ୍କୁ ପୁତ୍ର ଦାନ କରାଯାଉ ଆଉ ଶେଷରେ ସେ ନିଜକଥା ସୂଚାଇ ଶତପୁତ୍ର ଜନନୀ ଭିକ୍ଷା କରି ଯମଙ୍କୁ ନିଜ ବୁଦ୍ଧି ବଳରେ ପରାସ୍ତ କରି ନିଜ ସ୍ୱାମୀଙ୍କୁ ପୁର୍ନଜୀବନ ଦେଇଛନ୍ତି । ତାଙ୍କ ନିସ୍ୱାର୍ଥପର ଭାବ, ସତ୍ୟତା, ମଧୁରକଥା ଓ ପତିବ୍ରତା ନିକଟରେ ସ୍ୱୟଂ ସତ୍ୟର ଅବତାର ଧର୍ମରାଜ ଯମଙ୍କ ମୁଣ୍ଡ ସ୍ୱତଃ ନତ ହୋଇଯାଇଛି ।

ସାବିତ୍ରୀ ଓଷା ଦିନ ସଧବା ସ୍ତ୍ରୀଲୋକ ମାନେ ଉପବାସ କରନ୍ତି, ଅନ୍ନ ଗ୍ରହଣ କରନ୍ତି ନାହିଁ ଓ ଅପରାହ୍ଣରେ ପୂଜା ଶେଷ ହେଲେ ଧୂଆମୁଗ, ନଡ଼ିଆ, କଦଳୀ , ଆମ୍ବ, ପଣସ, ସପୁରୀ, ତାଳସଜ ଓ ଅନାନ୍ୟ ଫଳ ଗ୍ରହଣ କରନ୍ତି । ଏଥିପାଇଁ ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନ ବେଳେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ । ବାସ୍ତବରେ ଏ ପୂଜାର ଆରାଧ୍ୟା ଦେବୀ ହେଉଛନ୍ତି ମା’ ସାବିତ୍ରୀ ।



ସାବିତ୍ରୀ ବ୍ରହ୍ମାଙ୍କ ପତ୍ନୀ, ଗାୟତ୍ରୀ, ସୂର୍ଯ୍ୟାଧିଷ୍ଠାତ୍ରୀ ଦେବୀ । ଦେବୀ ସାବିତ୍ରୀଙ୍କ ମାନବୀ ସାବିତ୍ରୀଙ୍କ ପ୍ରତି ଆଶୀର୍ବାଦ ଓ କରୁଣା କିପରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିଲା, ତାହାକୁ ଆଧାର କରି ମା’ ସାବିତ୍ରୀଙ୍କୁ ମହିମାନ୍ୱିତ କରାଯାଇଥାଏ ।

ମଦ୍ର ଦେଶରେ ଅଶ୍ୱପତି ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ । ସେ ସାବିତ୍ରୀ ଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ଏକଦା ଯଜ୍ଞର ଆୟୋଜନ କଲେ । ସାବିତ୍ରୀ ଦେବୀ ରାଜାଙ୍କୁ ପୁତ୍ର ସନ୍ତାନ ଲାଭ କରିବା ଯୋଗ ନ’ଥିବା ସୂଚାଇ ଦେଲେ ଏବଂ ଏକ ଉତ୍ତମ କନ୍ୟା ହେବାର ଆର୍ଶିବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା । ସାବିତ୍ରୀ ଙ୍କୁ ଉପାସନା କରି ତାଙ୍କ ଆଶୀର୍ବାଦରୁ କନ୍ୟା ସନ୍ତାନଟିଏ ଲାଭ କରି ତାହର ନାମ ସାବିତ୍ରୀ ରଖିଥିଲେ । ସାବିତ୍ରୀ କ୍ରମେ ଯୌବନରେ ପାଦ ଦେବାପରେ ପିତା ଅଶ୍ୱପତିଙ୍କ ଆଦେଶ ମତେ ନିଜ ଇଚ୍ଛାରେ ବର ଖୋଜିବାକୁ ସମ୍ମତି ପ୍ରକାଶ କରି ସହଚରୀମାନଙ୍କ ସହ ପତିଙ୍କ ଖୋଜ ରେ ଭ୍ରମଣ କରିବାକୁ ବାହାରିଲେ । ଶାଲ୍ୱଦେଶର ରାଜା ଦ୍ୟୁମତସେନଙ୍କ ଔରସରେ ଶୈବ୍ୟାଙ୍କ ଗର୍ଭରୁ ସତ୍ୟବାନ ଜନ୍ମଗ୍ରହଣ କରିଥିଲେ । ଦୈବୀ ଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବାସ୍ଥାରେ ଦ୍ୟୁମତସେନ ଅନ୍ଧ ଓ ରାଜ୍ୟହରା ହୋଇ ବନବାସୀ ହୋଇ ଥିଲେ। ସତ୍ୟବାନ ବଣରେ ଫଳମୂଳ ଖାଇ ଭକ୍ତି ସହକାରେ ପିତାମାତାଙ୍କର ସେବା କରୁଥିଲେ। ସାବିତ୍ରୀ ଭ୍ରମଣ କରୁ କରୁ ସେହି ବଣରେ ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣାତା ଓ ରୂପରେ ମୁଗ୍ଧା ହୋଇ ତାଙ୍କୁ ପତିରୂପେ ମନୋନୀତ କରି ରାଜଧାନୀକୁ ଫେରି ପିତାଙ୍କୁ ଜଣାଇଲେ। ଏହି ସମୟରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ପରମାୟୁ ଆଉ ମାତ୍ର ଏକ ବର୍ଷ ଥିବା ଜଣାଇ, ନିଜ ମତ ବଦଳାଇବାକୁ ସାବିତ୍ରୀଙ୍କୁ ଅନୁରୋଧ କଲେ। ମାତ୍ର ସାବିତ୍ରୀ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜ ନିଷ୍ପତ୍ତିରେ ଅଟଳ ରହିଲେ। ଅଗତ୍ୟା ଉଭୟ ପକ୍ଷଙ୍କ ପିତାମାତାଙ୍କ ଅନୁମତି କ୍ରମେ ସାବିତ୍ରୀଙ୍କର ସତ୍ୟବାନଙ୍କ ସହିତ ଯଥାରୀତି ବିବାହ ସମ୍ପନ୍ନ ହେଲା। ବିବାହ ପରେ ସାବିତ୍ରୀ ପିତୃଗୃହର ରାଜ ସମ୍ପଦ ଓ ବିଳାସ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ ।

ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର ବ୍ରତ ଅବଲମ୍ୱନ କଲେ । ଯେଉଁଦିନ ଏକ ବର୍ଷ ପୂର୍ଣ୍ଣ ହେବ ଓ ସତ୍ୟବାନଙ୍କର ପରମାୟୁ ଶେଷ ହେବ, ସେ ଦିନ ସତ୍ୟବାନ ଫଳ, ମୂଳ ଓ କାଠ ସଂଗ୍ରହ କରିବାକୁ ବଣକୁ ଯିବାବେଳେ ସାବିତ୍ରୀ ତାଙ୍କ ସଙ୍ଗରେ ଗଲେ । ବଣରେ ସତ୍ୟବାନ କାଠ କାଟୁ କାଟୁ ହଠାତ୍ ଶରୀର ଅସୁସ୍ଥ ହେଲା ଆଉ ସେ ଗଛରୁ ଓହ୍ଲାଇ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ଶୋଇ ପଡିଲେ ଆଉ ତାଙ୍କର ମୃତ୍ୟୁ ହେଲା । ସାବିତ୍ରୀ ଏ ସମସ୍ତ କଥା ଆଗରୁ ଜାଣିଥିଲେ ତେଣୁ ସେ ବିଚଳିତ ନ ହୋଇ ନିଜ ମୃତ ସ୍ୱାମୀଙ୍କ ମୃତ ଶରୀରକୁ କୋଳରେ ଧରି ଜଗି ରହିଲେ । ଧର୍ମରାଜ ଯମଙ୍କର ଆଦେଶ ମତେ ଯମଦୂତ ମାନେ ସତ୍ୟବାନଙ୍କ ଆତ୍ମା ନେବା ପାଇଁ ଆସି ଚେଷ୍ଟା କରି ମଧ୍ୟ ସାବିତ୍ରୀଙ୍କ ନିକଟରୁ ଛଡ଼ାଇ ନେଇ ନ ପାରି ଯମପୁର କୁ ଫେରିଗଲେ। ଏବେ ସ୍ୱୟଂ ଯମରାଜ ଯମଲୋକରୁ ମୃତ୍ୟୁଲୋକକୁ ଆସି ସତ୍ୟବାନଙ୍କ ଆତ୍ମା ନିଜ କାଳଫାସରେ ଧରି ବାହାରିଲେ। ସାବିତ୍ରୀ ମଧ ଯମରାଜଙ୍କୁ ଅନୁଗମନ କଲେ। ଯମରାଜା ତାଙ୍କୁ ପତି ଜୀବନ ବ୍ୟତୀତ ଆଉ ସମସ୍ତ ଜିନିଷ ଦେଇ ପାରିବେ ଏବଂ ତାଙ୍କୁ ଆଉ ଅନୁସରଣ ନ କରିବାକୁ ପରାମର୍ଶ ଦେଲେ। ମାତ୍ର ସାବିତ୍ରୀ ପତି ଜୀବନ ପ୍ରାପ୍ତି ପାଇଁ ଧର୍ମରାଜ ଙ୍କୁ ଅନୁସରଣ କରି ଚାଲିଲେ। ଶେଷରେ ପତିଭକ୍ତି ଓ ତାଙ୍କ ଭକ୍ତି ରେ ସନ୍ତୁଷ୍ଟ ହୋଇ ସତ୍ୟବାନଙ୍କ ବଦଳରେ ତିନୋଟି ବର ଦେବାକୁ ସର୍ତ୍ତ ରଖିଲେ ଯେ ସତ୍ୟବାନଙ୍କ ଜୀବନ ବଦଳରେ ଆଉ ଯାହା କିଛି ମାଗି ନେଇ ପାରିବ । ସାବିତ୍ରୀ ପ୍ରଥମ ବରରେ ଶ୍ୱଶୁରଙ୍କ ଦୃଷ୍ଟିଶକ୍ତି ଓ ହରାଇଥିବା ରାଜ୍ୟ ର ପୁନଃ ପ୍ରାପ୍ତି , ଦ୍ୱିତୀୟ ବରରେ ନିଜ ନିଃସନ୍ତାନ ପିତାଙ୍କ ପାଇଁ ଏକ ପୁତ୍ର ସନ୍ତାନ ଓ ତୃତୀୟ ବରରେ ନିଜ ଗର୍ଭରୁ ଶତପୁତ୍ର କାମନା କଲେ । ଯମ ତଥାସ୍ତୁ କହି ଯମ ପୁରକୁ ବାହାରିବାକୁ ଉଦ୍ୟତ ହେଲାବେଳେ ସାବିତ୍ରୀ ଧର୍ମରାଜଙ୍କୁ ସ୍ୱାମୀଙ୍କ ବିନା ସେ କିପରି ଶତପୁତ୍ର ପାଇବେ ବୋଲି ପ୍ରଶ୍ନ କଲେ। ନିଜ କଥା ରକ୍ଷା କରି ନିରୁପାୟ ହୋଇ ସତ୍ୟବାନଙ୍କୁ ପୁନଃ ଜୀବିତ କରାଇ ଆୟୁଦାନ କଲେ ଓ ଯମପୁରକୁ ଫେରିଗଲେ। ଏଣୁ ଜ୍ୟେଷ୍ଠମାସ କୃଷ୍ଣ ପକ୍ଷ ଅମାବାସ୍ୟା ତିଥିରେ ଘରେ ଘରେ ସ୍ୱାମୀଙ୍କ ମଙ୍ଗଳ କାମନା କରି ଓଡ଼ିଆ ନାରୀ ମାନେ ଏହି ପବିତ୍ର ବ୍ରତକୁ ନିଷ୍ଠାର ସହିତ ପାଳନ କରନ୍ତି । ସାବିତ୍ରୀ ପରି ଜଣେ ଅସାମାନ୍ୟା ନାରୀଙ୍କର ଏ ଯେଉଁ ଭକ୍ତି, ନିଷ୍ଠା, ତ୍ୟାଗ, ସତ୍ୟାନୁରାଗ ଓ ପତିବ୍ରତା ଗୁଣ ଯୁଗ ଯୁଗ ପାଇଁ ଏକ ଆଦର୍ଶ ହୋଇ ରହିବା ସଙ୍ଗେ ସଙ୍ଗେ ଭାରତୀୟ ନାରୀ ସମାଜ ପାଇଁ ଏକ ଉଦାହରଣ ହୋଇ ରହିବ ।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦

# ସାବିତ୍ରୀ ବ୍ରତ ଓ ଆମ ସଂସ୍କୃତି



ଭାଗୀରଥି ସାଗର

ସଧବା ରହିବାକୁ ରମଣୀ ଭଲ ପାଏ, ତା ଅନ୍ତରଙ୍ଗ ସାଥୀ ସୁସ୍ଥ,ମଜଭୁତ, ସବଳ ତଥା ଦୀର୍ଘାୟୁ ରହୁ,ଏ ଶୁଭ ଭାବନା ,ଶୁଭ କାମନାରେ ସେ ବିଶ୍ୱ କର୍ତ୍ତାଙ୍କୁ ଜଣାଏ। ତା ରଙ୍ଗୀନ ଶାଢ଼ୀ ସଦା ରଙ୍ଗମୟ ହୋଇ ଉଠୁ। ତା ଗୋଡ଼ ଅଳିତା ହସୁ,ଗଜରା ଗୀତ ଗାଉ, ସିନ୍ଦୂର,ଶଙ୍ଖା ଦପ୍ ଦପୁ । ଆଖିର କଜଳ କଥା କହି ତା ଚିର ବନ୍ଧୁଙ୍କୁ ପାଖେ ପାଖେ ବାନ୍ଧି ରଖୁ। ହାର, କୁଣ୍ଡଳ, ମଥା ମଣି,ଖଡୁ, ନଥ, କର୍ଣ୍ଣ ଫୁଲ, କଙ୍କଣ ପ୍ରଭୃତି ଗହଣାରେ ସଜେଇ ହେବାକୁ ନାରୀ ପାଏ ଭାରି ଭଲ। ସେ ମଫସଲରେ ବାସ କରୁ ଅବା ସହରରେ, ଦୁର୍ଗମ ଅଞ୍ଚଳରେ ରହୁ ଅବା ମହା ନଗରର ମହଲରେ,ସେ ହେଉ ଶ୍ରମିକ କିମ୍ବା ହେଉ ଅଧ୍ୟାପିକା। ନିଜକୁ ସଦା ସୁନ୍ଦର ରୂପରେ ସଜେଇ ହୋଇ ଅନ୍ୟଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଓସ୍ତାଦ୍ ନାରୀ। ସୌନ୍ଦର୍ଯ୍ୟର ପ୍ରତୀକ ନାରୀ।ଫୁଲ ଭଳି ସୁନ୍ଦର ଓ ମନୋହର। ସ୍ୱାମୀଙ୍କ ସହ ସୁଖ ଦୁଃଖରେ ଭାଗୀଦାର ହୋଇ ଚଳେ,ସୁଖ ସଂସାର ଗଠନ କରିବାରେ ନିଜକୁ ସେ ନିମଜ୍ଜିତ ରହେ ବୋଲି ତା ଅନ୍ୟ ନାମ ସହଧର୍ମିଣୀ। ଧାର୍ମିକ ହିନ୍ଦୁ ଶାସ୍ତ୍ର ରାମାୟଣରେ ରାଜକୀୟ ସୁଖ ସ୍ୱଚ୍ଛନ୍ଦ,ଭୋଗ ବିଳାସ ପରିତ୍ୟାଗ କରି ଦେବୀ ସୀତା ମାତା ସ୍ୱ ସ୍ୱାମୀ ପ୍ରଭୁ ରାମ ଚନ୍ଦ୍ରଙ୍କ ସହ ଚଉଦ ବର୍ଷ ବଣ ଜଙ୍ଗଲରେ କାଳାତିପାତ କରିଥିଲେ। ଏହି ପବିତ୍ର ଭାରତ ବର୍ଷର ରମଣୀ ଦୁଃଖକୁ ପିଇ ସ୍ୱାମୀ କଲ୍ୟାଣ ପାଇଁ ନିଜକୁ ଜଳାଞ୍ଜଳି ଦିଏ। ସ୍ୱାମୀଙ୍କ ରୋଗ ବୈରାଗ ବେଳେ ପାଶେ ପାଶେ ଥାଇ ସେବା ଯତ୍ନ କରେ। ନିଜ ପତିଙ୍କୁ ତା’ ଇହକାଳ ଓ ପରକାଳର ଦେବତା ବୋଲି ଭାବେ। ଆମ ପୁରାଣ ଆମକୁ ଶିଖାଏ,ଆମ ସଂସ୍କୃତି ଆମକୁ ମାର୍ଗ ବାତାଏ। ସତୀତ୍ୱ ଓ ଚତୁରତା ବଳରେ ସତୀ ସାବିତ୍ରୀ ନିଜ ପତିଙ୍କୁ ଯମ ଦ୍ୱାରରୁ ଫେରାଇ ଆଣି ପାରିଥିଲେ। ଏଣୁ ଜ୍ୟେଷ୍ଠ କୃଷ୍ଣ ପକ୍ଷ ଅମାବାସ୍ୟା ଦିନ ସଧବା ସ୍ତ୍ରୀ ମାନେ ନିଜ ପତିଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ଶ୍ରୀ କୃଷ୍ଣଙ୍କୁ ଦିନେ ଯୁଧିଷ୍ଠିର ପଚାରିଲେ, ହେ ଜଗତ ଗୋସାଇଁ! କେଉଁ ବ୍ରତ ପାଳନ କଲେ ନାରୀ ମାନେ ସବୁବେଳେ ସୁଖୀ ରହିବେ ? ଧନସମ୍ପତି, ପିଲା ଛୁଆ ପାଇବେ ? ଧର୍ମ ରାଜଙ୍କ ବାକ୍ୟ ଶୁଣି ଚକ୍ର ପାଣି ହସି ହସି କହିଲେ, ଯଦି ନାରୀ ଚିର ସଧବା ରହିବାକୁ ଚାହେଁ,ତେବେ ବ୍ରତ ମାନଙ୍କ ମଧରେ ସାର,ଗୋଟିଏ ବ୍ରତ କଥା କହିବି,ତାହା ହେଉଛି ସାବିତ୍ରୀ ବ୍ରତ। ଜ୍ୟେଷ୍ଠ କୃଷ୍ଣ ପକ୍ଷ ଅମାବାସ୍ୟା ଦିନ ଏ ବ୍ରତ କରାଯାଏ। ଶୁଣ ! ମଦ୍ର ଦେଶରେ ଜଣେ ରାଜା ଥିଲେ, ତାଙ୍କ ନାମ ଅଶ୍ୱପତି ଥିଲା। ତାଙ୍କର ରାଣୀଙ୍କ ନାମ କୌଶଲ୍ୟା । ଅଶ୍ୱପତି ପ୍ରଜାବତ୍ସଳ ଥିଲେ ଏବଂ ସେ ନ୍ୟାୟରେ ଶାସନ କରୁଥିଲେ। କିନ୍ତୁ ରାଜା ରାଣୀଙ୍କ ବଡ଼ ଚିନ୍ତା ଥିଲା



କାରଣ ତାଙ୍କର କୋଳରେ ସନ୍ତାନ ସନ୍ତତି ନ ଥିଲେ। ରାଜା ରାଣୀ ହୋମ ଯଜ୍ଞ କରିବା ହେତୁ କନ୍ୟା ରତ୍ନ ଟିଏ ପାଇଲେ। ସେହି କନ୍ୟାଙ୍କ ନାମ ସାବିତ୍ରୀ ରଖାଗଲା। ଶୁକ୍ଳ ପକ୍ଷର ଜହ୍ନ ଭଳି ସାବିତ୍ରୀ ବଢ଼ିବାକୁ ଲାଗିଲେ। ବିବାହ ଉପଯୋଗୀ ହେଲା ପରେ ରାଜା ସୟମ୍ବର ଡକାଇଲେ। କିନ୍ତୁ ସୟମ୍ବର ସଭାରେ ଉପନୀତ ସମସ୍ତେ ସାବିତ୍ରୀଙ୍କ ତେଜସ୍ୱିୟ ଜ୍ୟୋତିର ସାମ୍ନା କରିବାକୁ ସକ୍ଷମ ହୋଇ ପାରିଲେ ନାହିଁ ଏବଂ ବାହୁଡ଼ି ପଳାଇଗଲେ। ନିଜ ପିତାଙ୍କ ଆଦେଶରେ ସାବିତ୍ରୀ ବଣରେ ବୁଲି ବୁଲି ସତ୍ୟବାନଙ୍କୁ ପତି ଭାବରେ ଠାବ କଲେ। ବଣରୁ ଫେରି ସବୁ ବୃତ୍ତାନ୍ତ ପିତାଙ୍କ ସମ୍ମୁଖରେ ବଖାଣିଲେ। ନାରଦ ଏବଂ ପିତା ଅଶ୍ୱପତି ଯେତେ ବାରଣ କଲେ ବି ସାବିତ୍ରୀ ନିଜ ଜିଦରେ ଅଟଳ ରହିଲେ ଏବଂ ସତ୍ୟବାନଙ୍କ ହାତ ଧରିଲେ। ବିବାହ ଶେଷ ହେଲା,ଗୁରୁଜନଙ୍କୁ ପ୍ରଣାମ କରି ସାବିତ୍ରୀ ଓ ସତ୍ୟବାନ ଜଙ୍ଗଲକୁ ଚାଲିଗଲେ। ନାରଦ ଠାରୁ ସତ୍ୟବାନଙ୍କ ଅଳ୍ପ ଆୟୁ ଓ ମରଣ ଦିବସ ଜାଣି ମଧ ସାବିତ୍ରୀ ସତ୍ୟବାନଙ୍କୁ ବିବାହ କରିଥିଲେ। ଶାଶୁ ଶ୍ୱଶୁର ସେବା କଲେ। ଜ୍ୟେଷ୍ଠା ଅମାବାସ୍ୟା ଆସିଲା,ହାତେ ଟାଙ୍ଗିଆ ଧରି କାଠ ସଂଗ୍ରହ ନିମିତ୍ତ ସତ୍ୟବାନ ଜଙ୍ଗଲକୁ ବାହାରି ପଡିଲେ। ସତ୍ୟବାନ ବାରଣ କଲେ ମଧ ସାବିତ୍ରୀ ତାଙ୍କ ସହ ଜଙ୍ଗଲକୁ ଗଲେ,କାରଣ ଏହି ଦିନ ତାଙ୍କ ସ୍ୱାମୀଙ୍କ ପ୍ରାଣ ଚାଲି ଯିବ ବୋଲି ନାରଦ କହିଥିଲେ। ଜଙ୍ଗଲେ ପଶି କାଠ ହଣା ନ ସରୁଣୁ ମଥା ମୋ ଘୁରୁଛି ବୋଲି ସତ୍ୟବାନ କହିଲେ। ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖିଲେ ନୀରବରେ ଆଖି ବୁଜିଲେ। ସାବିତ୍ରୀ ଜାଣି ପାରିଲେ ସତ୍ୟବାନଙ୍କ ଜୀବନ ଆଉ ନାହିଁ,ଏଣୁ ଘୋର ବନ କମ୍ପାଇ କାନ୍ଦିଲେ। ତତ୍ କ୍ଷଣେ ଯମ ଆସି ପହଞ୍ଚିଲେ, ସତ୍ୟବାନଙ୍କ ଜୀବନ ଧରି ସେ ସେଠାରୁ ଚାଲିଯିବି କହିଲେ। ତମେ ମହା ସତୀ, ତମ ମୃତ୍ୟୁ ସ୍ୱାମୀକୁ ତମେ ଧରିଛ,ଏଣୁ ମୋ ଦୂତମାନେ ତୁମ ସ୍ୱାମୀଙ୍କୁ ତୁମ ଠାରୁ ଛଡେଇ ନେବାକୁ ସାହସ କଲେ ନାହିଁ। ଏଣୁ ତମ ପାଖକୁ ମୁଁ ନିଜେ ହିଁ ଆସିବାକୁ ପଡ଼ିଲା। ସାବିତ୍ରୀ ଯମଙ୍କୁ କହିଲେ, ହେ ଜନ୍ତୁପତି ! ମୋ ସ୍ୱାମୀଙ୍କୁ ଆପଣ ନେଇଗଲେ ମୁଁ ଆଉ କାହା ପାଇଁ ବଞ୍ଚିବି। ମୁଁ ଦୟାର ମାନେ ଜାଣେ ନାହିଁ,କିଛି ଶୁଣେନି ବୋଲି ସତ୍ୟବାନଙ୍କ ପ୍ରାଣ ଧରି ଯମ ଆଗକୁ ଚାଲିଲେ। ପଛରେ ଯମ ଦେଖିଲେ ସାବିତ୍ରୀ ମଧ୍ୟ ଚାଲୁଛନ୍ତି, ଯମ ସାବିତ୍ରୀଙ୍କୁ ନିଜ ପତି ସତ୍ୟବାନ ଛଡ଼ା ଯେଉଁ ବର ମଧ ମାଗ ବୋଲି କହିଲେ,ସାବିତ୍ରୀ ନିଜ ଶ୍ୱଶୁର ଅନ୍ଧ ଥିବାରୁ ତାଙ୍କ ଦୃଷ୍ଟି ଫେରି ପାଇବା ବର ମାଗିଲେ। ଯମ ତଥାସ୍ତୁ କହି ଆଗକୁ ଚାଲିଲେ। ପୁଣି ଦେଖିଲେ ତାଙ୍କ ପଛରେ ସାବିତ୍ରୀ, ପୁଣି ଫେରି ଯାଅ ସତୀ କହି ଅନ୍ୟ ବର ମାଗିବାକୁ କହିଲେ, ସାବିତ୍ରୀ ନିଜ ଶ୍ୱଶୁର ହରାଇ ଥିବା ରାଜ୍ୟ ଫେରି ପାଇବାକୁ ବର ମାଗିଲେ, ଯମ ତାଥାସ୍ତୁ କହି ଆଗେ ଚାଲିଲେ, ପୁଣି ପଛରେ ସାବିତ୍ରୀ ଚାଲୁ ଥିବାର ଦେଖି,ପୁଣି ସତ୍ୟବାନ ଛଡ଼ା ଅନ୍ୟ ବର ମାଗିବାକୁ କହିଲେ, ଏହି ତୃତୀୟ ବରରେ ନିଜ ପିତାମାତାଙ୍କୁ ଶତ ପୁତ୍ର ଜାତ ହେଉ ବୋଲି ସାବିତ୍ରୀ ବର ମାଗିଲେ। ଯମ ବରଦେଇ ଆଗକୁ ବଢ଼ିଲେ,ପୁଣି ସାବିତ୍ରୀ ତାଙ୍କ ପଛରେ। ଯମ କହିଲେ, ସତୀତ୍ୱ ବଳରେ ତମେ ଏତେ ବାଟ ଆସିଲ,ଏହା ଶେଷ ସୀମା, ଫେରି ଯାଅ।ସାବିତ୍ରୀ କହିଲେ, ମୁଁ କାହିଁକି ସ୍ୱାମୀ ବିନା ଫେରି ଯିବି ? ହେ, ଧର୍ମରାଜ ତମେ ସୂର୍ଯ୍ୟଙ୍କ ପୁତ୍ର, ତମ ତେଜରେ ମୋତେ ଜାଳି ଦିଅ। ଗୋଟି ଗୋଟି କରି ବର ଦେଇ ତୁମେ ମାୟାରେ ଏତେ ବାଟ ଆଣିଲ। ଏହା ଅବଳା ପ୍ରତି ଉଚିତ ବିଚାର ନୁହଁ।ଯମ ସବିତ୍ରୀଙ୍କୁ ଚତୁର୍ଥ ବରରେ ସତ୍ୟବାନଙ୍କ ପ୍ରାଣ ଛଡ଼ା ଯାହାବି ମାଗିବାକୁ କହିଲେ। ଖୁବ୍ ବ୍ୟସ୍ତ ଜଣା ପଡୁଥିଲେ ଯମ। ସୂର୍ଯ୍ୟ କୁମରଙ୍କ ତର ତର ହେବା ଦେଖି ସ୍ୱାମୀଙ୍କ ଔରସରୁ ମୋତେ ଶହେ ପୁତ୍ର ଜାତ ହୁଅନ୍ତୁ ବୋଲି ସାବିତ୍ରୀ ବର ମାଗିଲେ। ଯମ ତଥାସ୍ତୁ କହି ଆଗେ ଚାଲିଲେ,ପୁଣି ପଛକୁ ଚାହିଁ ଦେଖନ୍ତି ତ ସାବିତ୍ରୀ, ଯମ ପଚାରିଲେ ପୁଣି କାହିଁକି ଆସୁଛ ? ସାବିତ୍ରୀ କହିଲେ ହେ ଜନ୍ତୁପତି ତୁମେ ମୋ ସ୍ୱାମୀଙ୍କୁ ନେଉଛ, ମୁଁ କିପରି ଶତ ପୁତ୍ରର ଜନନୀ ହେବି ?ଯମ ଆବାକ୍ ହୋଇ ସତ୍ୟବାନଙ୍କ ପ୍ରାଣ ସାବିତ୍ରୀଙ୍କୁଫେରାଇ ଦେଲେ। କୃଷ୍ଣ ଯୁଧିଷ୍ଠିରଙ୍କୁ ଏ ବ୍ରତର ମହତ୍ୱ ଓ ବିଧି କହିଦେଲେ। ଏ ବ୍ରତ ସମ୍ପର୍କରେ ଯୁଧିଷ୍ଠର ଜାଣି ଖୁସି ହେଲେ।

ଏ ବ୍ରତରେ ସକଳ ଫଳ ସହ ବ୍ରତ ଦଉଡ଼ି ମଧ ଲଗିଥାଏ।ସଧବା ସଜାଇ ହୋଇ ନୂଆ ବସ୍ତ୍ର ପରିଧାନ ସହ ଓପାସ ରହେ। ଏହି ବ୍ରତ ପାଳନ କଲେ ସ୍ୱାମୀ ଦୀର୍ଘାୟୁ ହୁଅନ୍ତି। ଏ ମହାନ ବ୍ରତ ବଳରେ ନାରୀ ସୌଭାଗ୍ୟବତୀ ହୋଇ ଆନନ୍ଦରେ ପୁଅଝିଅ ପାଇ ସଂସାରରେ ରୁହେ। ସୁତରାଂ ସାବିତ୍ରୀ ବ୍ରତ ହେଉଛି ଏମିତି ବ୍ରତ ଯେଉଁଠିକି,ଆଧ୍ୟାତ୍ମିକ ଚେତନା ନାରୀଙ୍କ ମନରେ ଭରି ଆମ ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିବାର ଗୋଟିଏ ଶକ୍ତ ମାଧ୍ୟମ। ଯାହା ଫଳରେ ନାରୀ ପାଏ ସୁଖ,ଶାନ୍ତି ଆଉ ସମୃଦ୍ଧି।

+ ଡ଼ାଲଗୁମା,କୋକସରା, କଳାହାଣ୍ଡି
ମୋ -୯୩୩୭୬୨୪୮୯୯

# ସାବିତ୍ରୀ : ଦେବୀ ଓ ମାନବୀ



ବୈଷ୍ଣବ ମେହେର

ସାବିତ୍ରୀ ବ୍ରତରେ ଦୁଇଜଣ ସାବିତ୍ରୀଙ୍କ ମହତ୍ୱପୂର୍ଣ୍ଣ ବାର୍ତ୍ତା ରହିଛି। ଜଣେ ହେଉଛନ୍ତି ଦେବୀ ଏବଂ ଅନ୍ୟ ଜଣକ ମାନବୀ। ମାନବୀ ସାବିତ୍ରୀ ଯିଏ ସତ୍ୟବାନଙ୍କ ପତ୍ନୀ, ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇବାକୁ ଦେବୀ ସାବିତ୍ରୀଙ୍କ ଆରାଧନା କରିଥିଲେ। ଅବଶ୍ୟ ମାନବ ହୋଇ ସୁଦ୍ଧା ସାବିତ୍ରୀ ଓ ସତ୍ୟବାନ ଯୁଗଯୁଗ ଧରି ଚଳି ଆସିଥିବା ଲୋକ ବିଶ୍ୱାସରେ ଦେବୀ ଓ ଦେବତାର ସ୍ତରକୁ ପହଂଚି ଯାଇଛନ୍ତି। ପୌରାଣିକ କଥାବସ୍ତୁ ଅନୁଯାୟୀ ବର୍ତ୍ତମାନର ନାରୀମାନଙ୍କ ଭଳି ମାନବୀ ସାବିତ୍ରୀ ମଧ୍ୟ ସାବିତ୍ରୀ ବ୍ରତର ଉପାସିକା ଥିଲେ ଓ ଏ ବ୍ରତର ପ୍ରକୃତ ଉପାସ୍ୟା ହେଉଛନ୍ତି ଦେବୀ ସାବିତ୍ରୀ। ବିଶ୍ୱାସ ଅନୁସାରେ ଦେବୀ ସାବିତ୍ରୀ ହେଉଛନ୍ତି ଗାୟତ୍ରୀ, ସରସ୍ୱତୀ ତଥା ଶତରୂପାଙ୍କ ପ୍ରତିରୂପ। ସେ ସୂର୍ଯ୍ୟଦେବଙ୍କ ପୁତ୍ରୀ ଓ ବ୍ରହ୍ମାଙ୍କର ପତ୍ନୀ। ଦେବୀ ସାବିତ୍ରୀଙ୍କୁ ଗାୟତ୍ରୀ ମଂତ୍ରର ଅଧିଷ୍ଠାତ୍ରୀ ଦେବୀଙ୍କର ଦ୍ୱିପ୍ରହର ସମୟର ରୂପ ବୋଲି କୁହାଯାଏ। ଏହି ଦେବୀ ସାବିତ୍ରୀଙ୍କୁ ଉପସନା କରି ମାନବୀ ସାବିତ୍ରୀଙ୍କ ପିତା ଅଶ୍ୱପତି ସାବିତ୍ରୀଙ୍କୁ କନ୍ୟା ରୂପେ ପାଇଥିଲେ। ତେଣୁ ଦେବୀ ସାବିତ୍ରୀ, ଏହି ବ୍ରତର ପ୍ରକୃତ ଉପାସ୍ୟା କିନ୍ତୁ ମାନବୀ ସାବିତ୍ରୀ ଚିର ବନ୍ଦନୀୟା ଓ ଅନୁକରଣୀୟା।

ଦେବୀ ସାବିତ୍ରୀଙ୍କ ଆଶୀର୍ବାଦ ଓ କରୁଣାକୁ ପାଥେୟ କରି ମାନବୀ ସାବିତ୍ରୀ ନିଜ ନିଷ୍ଠାପର ସାଧନା, ଆଦର୍ଶ ଗୁଣବତ୍ତା ଏବଂ ବୁଦ୍ଧିମତ୍ତା ବଳରେ କିପରି ସତ୍ୟବାନଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣି ପାରିଲେ ତାହା ହିଁ ସାବିତ୍ରୀ ବ୍ରତର ମୁଖ୍ୟ ପ୍ରସଙ୍ଗ। ସତୀତ୍ୱର ଅପାର ପରାକାଷ୍ଠା, ବିଚକ୍ଷଣ ବୁଦ୍ଧି ଏବଂ ନିଷ୍ଠାପର ସେବା ସାଧନାର ଫଳ ସ୍ୱରୂପ ଧର୍ମାବତାର ଯମରାଜଙ୍କୁ ନିରୁପାୟ କରି ଗୋଟିଏ ପରେ ଗୋଟିଏ ବର ପ୍ରାପ୍ତ ହୋଇ ଶେଷରେ ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିବା ମାନବୀ ସାବିତ୍ରୀ ଯେ ଦେବୀ ତୁଲ୍ୟା ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ସ୍ୱାମୀଙ୍କୁ ଫେରି ପାଇ ସେଦିନ ବିଳମ୍ବିତ ସଂଧ୍ୟାରେ ଯେତେବେଳେ ସାବିତ୍ରୀ ଘରକୁ ପହଂଚିଲେ ସେତେବେଳେ ଯମରାଜ ଦେଇଥିବା ସମସ୍ତ ବରଦାନ ଫଳବତୀ ହୋଇ ସାରିଥାଏ। ଶ୍ୱଶୁର ଦ୍ୟୁମତସେନ ରାଜ୍ୟଭାର ଫେରି ପାଇବା ସହ ପୂର୍ବ ଦୃଷ୍ଟିଶକ୍ତି ପ୍ରାପ୍ତ ହୋଇଥିଲେ। ଏସବୁ ଚମତ୍କାରିତାରେ ଆଚମ୍ବିତ ନିଜଲୋକଙ୍କ ଉତ୍କଣ୍ଠିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲରେ ଘଟିଥିବା ସମସ୍ତ ବୃତ୍ତାନ୍ତକୁ ସାବିତ୍ରୀ ବର୍ଣ୍ଣନା



କରିଥିଲେ। ଘଟଣା ଶୁଣି ସମସ୍ତେ ସାବିତ୍ରୀଙ୍କୁ ଧନ୍ୟା ଧନ୍ୟା କରି ତୁ ପୂଜ୍ୟାର ଯୋଗ୍ୟ ବୋଲି କହିଥିଲେ। ସାବିତ୍ରୀ କିନ୍ତୁ ନିଜ ପ୍ରଶଂସାରେ ବିଚଳିତ ହୋଇ କହିଲେ ମୁଁ ପୂଜ୍ୟା ନୁହେଁ, ପୂଜ୍ୟା ହେଉଛନ୍ତି ଆମ ସମସ୍ତଙ୍କ ଆରାଧ୍ୟା ଦେବୀ ମାଁ ସାବିତ୍ରୀ। ଯାହାଙ୍କ ପ୍ରସାଦରୁ ମୋର ପିତା ମୋତେ ପ୍ରାପ୍ତ ହୋଇ ମୋର ନାଁ ସାବିତ୍ରୀ ରଖିଛନ୍ତି। ଆଜି ତାଙ୍କରି ଆଶୀର୍ବାଦରେ ଏତେ ସବୁ ଅସମ୍ଭବ ସମ୍ଭବ ହୋଇ ପାରିଛି ।

ବର୍ତ୍ତମାନ ସମାଜର ସମସ୍ତ ବର୍ଗର ଲୋକ କଥା ପ୍ରସଙ୍ଗରେ ଯାହା କହନ୍ତି, କାମରେ କଲାବେଳେ ପ୍ରାୟ ତାର ଓଲଟା କରୁଥିବା ଦେଖିବାକୁ ମିଳେ। ସଂପ୍ରତି ମଣିଷ ମନରେ ବ୍ୟାପକତାର ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ପ୍ରାୟ ସମସ୍ତଙ୍କୁ ସଂକୀର୍ଣ୍ଣତା ଗ୍ରାସ କରିନେଇଛି। ସେଥିପାଇଁ ତ ଅନେକାଂଶରେ ଚିତ୍ର ଓ ଚରିତ୍ର ଭିତରେ ଯୋଜନ ଯୋଜନର ପାର୍ଥକ୍ୟ ଅନୁଭବ ହେଉଛି। ଆମ ସମାଜରେ ଦିନୁଦିନ ଆଡ଼ମ୍ବର ସହକାରେ ସାବିତ୍ରୀ ବ୍ରତ ପାଳନ ହେଉଛି। କିନ୍ତୁ ଏହା ଭିତରର ସାରଗର୍ଭକ ତତ୍ୱକୁ ଆହରଣ କରିବାରେ କିଏ କେତେ ସମର୍ଥ ହେଉଛନ୍ତି ତାହା ଠିକରେ କହି ହେବ ନାହିଁ। ଅପରପକ୍ଷେ ପ୍ରକୃତ ତତ୍ୱକୁ ଜାଣିବାରେ କେତେ ଜଣ ଚେଷ୍ଟିତ ଅଛନ୍ତି କି ନାହିଁ, ତାହା ବି ସନ୍ଦେହ ଘେରରେ। ଏହି ବ୍ରତରେ ଦେବୀ ସାବିତ୍ରୀଙ୍କ ପ୍ରତି ଯେତିକି ନିଷ୍ଠାଭରା ଭକ୍ତିଭାବର ଆବଶ୍ୟକତା ଅଛି, ଠିକ୍ ସେତିକି ଅଶ୍ୱପତିଙ୍କ କନ୍ୟା ତଥା ସତ୍ୟବାନଙ୍କ ଅର୍ଦ୍ଧାଙ୍ଗିନୀ ମାନବୀ ସାବିତ୍ରୀଙ୍କ କର୍ମ ସାଧନାର ଅନୁକରଣ ମଧ୍ୟ ସୁନିଶ୍ଚିତ ହେବା ଦରକାର।

କିନ୍ତୁ ପରିତାପର ବିଷୟ ଯେ, ଆଜି ସାବିତ୍ରୀ ବ୍ରତରେ ଆଧୁନିକତାର ଅନୁକରଣ ଘଟୁଛି। ଆଧୁନିକ ସାବିତ୍ରୀ ମାନଙ୍କ ଏ ବ୍ରତ କେବଳ ଲୋକ ଦେଖାଣିଆ କହିଲେ ଅତ୍ୟୁକ୍ତି ହେବ ନାହିଁ। କାହାର ଜୀବନ ଫେରାଇ ଆଣିବା ପରିବର୍ତ୍ତେ, ଅନେକେ ଦେଖାଇ ଦିଅନ୍ତି ମୃତ୍ୟୁର ପଥ । ଉଭୟ ପିତ୍ରାଳୟ ଓ ଶ୍ୱଶୁରାଳୟର ହିତ ସାଧନା ପାଇଁ ପ୍ରତିଶ୍ରୁତିବଦ୍ଧ ଦୁହିତା କଥା କଥାରେ ସ୍ୱାମୀ ଘର ଲୋକଙ୍କୁ ଦେଖାଇଥାନ୍ତି ଆଇନର ବାଟ । କେବଳ ନାରୀ ହିଁ ସର୍ବଗୁଣାସମ୍ପନ୍ନା ରହିବା କଥା, ପ୍ରସଙ୍ଗରେ ଆମେ ଆଦୌ ଏକମତ ନହୁଁ। ପୁରୁଷମାନେ ସହଯୋଗୀସମ୍ପନ୍ନ ନ ହେବେ, ତେବେ ଆମ ସମସ୍ତଙ୍କ ଇପସିତ ସୁସ୍ଥ ସମାଜ ଗଠନ କେବେ ବି ସମ୍ଭବ ହେବ ନାହିଁ। ପୁନଶ୍ଚ ଯୁଗେ ଯୁଗେ କେବଳ ବିଶ୍ୱାସ ନୁହଁ ବରଂ ସମସ୍ତେ ଦେଖି ଆସିଛୁ ଯେ ନାରୀ ନିକଟରେ ସେହି ଶକ୍ତି ନିହିତ ରହିଛି, ଯାହା ବଳରେ ସେ ଅନେକ ବିଭ୍ରାନ୍ତ ଓ ଉଦଭ୍ରାନ୍ତ ପୁରୁଷ ସମାଜକୁ ସଠିକ୍ ରାସ୍ତାକୁ ଫେରାଇ ଆଣିବାରେ ସଫଳ ହୋଇଛି। ତେଣୁ ଏ କ୍ଷେତ୍ରରେ ନାରୀ ପ୍ରତି ଅନେକଙ୍କ ଦୃଢ଼ ବିଶ୍ୱାସ ରହିବା ଅତ୍ୟନ୍ତ ସ୍ୱଭାବିକ।

ସାବିତ୍ରୀ ଯେଉଁ ଗୁଣ ଓ ଚରିତ୍ରକୁ ପାଥେୟ କରି ଦେବୀ ସାବିତ୍ରୀଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ, ସେହି ଗୁଣ ଓ ଚରିତ୍ରକୁ ଯଦି ଆମେ ନିଜ ଜୀବନରେ ପଲ୍ଲବିତ କରିପାରିବା ତେବେ ସଂସାରର ସମସ୍ତଙ୍କ ହୃଦୟ ଜିଣିବା ସହଜ ହୋଇଯିବ। କେବଳ ସ୍ୱାମୀ ନୁହଁନ୍ତି ଅନ୍ୟ ସମସ୍ତଙ୍କ ପ୍ରତି ଉଦାରଭାବ ପୋଷଣ କରିବା ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଉଦ୍ଦେଶ୍ୟ। ଏହି ଧାରଣା ଯଦି ନାରୀ ସମାଜକୁ ଉଦବେଳିତ କରେ ତେବେ ଧ୍ୱଂସାଭିମୁଖୀ ମଣିଷ ସମାଜର ଗତିପଥକୁ ରୋକ ଲଗାଇବାରେ ବେଶୀ ସମୟ ଲାଗିବ ନାହିଁ । ଯିଏ ଯେତିକି କଠୋର ହୁଅନ୍ତୁ ନା କାହିଁକି, ପ୍ରେମ ଆଉ ଭଲପାଇବା ଦ୍ୱାରା ସେମାନଙ୍କୁ ପରିବର୍ତ୍ତନ କରାଯାଇ ପାରେ, ଏକଥା ନାରୀଠାରୁ ଅଧିକ ଆଉ କାହାକୁ ବା ଜଣା। ନିଜର ଭକ୍ତି, ଜ୍ଞାନ ଓ ଉତ୍ତମ ବ୍ୟବହାରରେ ଯିଏ ସ୍ୱୟଂ ଯମକୁ ପରାସ୍ତ କରିପାରେ, ଏହି ମାର୍ଗରେ ଅନ୍ୟ ମାନଙ୍କୁ ଜିଣିବା ବି ତା ପକ୍ଷେ ସହଜ ସାପେକ୍ଷ। ତେଣୁ ସାଂପ୍ରତିକ ସମୟରେ ଦେବୀ ସାବିତ୍ରୀଙ୍କ ଉପାସନାର ଯେତିକି ଗୁରୁତ୍ୱ ରହିଛି ମାନବୀ ସାବିତ୍ରୀଙ୍କ ଆଦର୍ଶତାର ଅନୁଗାମୀ ହେବା ଅଧିକ ମହତ୍ୱପୂର୍ଣ୍ଣ ମନେ ହୁଏ ।

+ ଶିକ୍ଷକ
ସିନାପାଲି,ନୂଆପଡ଼ା

# ଏବେ ବି ସାବିତ୍ରୀ ବଞ୍ଚିଛି

କୁନା ସେଠୀ



ସମୟ ଫେରିଛି ନିଜ ବାଟ ଦେଖି
ଛାଡ଼ି ଯାଇଅଛି ଛବି
ସେହି ଛବି କେବେ ମଳିନ ନ ହୋଇ
ଝଟକେ ସତେକି ରବି ।
ସମୟ ସାଥୀରେ କାହାଣୀ ଗୁଡ଼ାକ
ଲୁଚିଯାଇଅଛି କାହିଁ
କେତକ କାହାଣୀ ବାସ୍ତବ ରୂପରେ
ହୃଦୟକୁ ଯାଏ ଛୁଇଁ ।
ସତ୍ୟବାନ ଆଉ ସାବିତ୍ରୀ ମଧରେ
ସମ୍ପର୍କ ର ସୂତା ଯୋଡ଼ି
ପତିପତ୍ନୀ ଭାବେ ଠିଆ କରିଥିଲା
ଲଗାଇ ହାତରେ ବେଡ଼ି ।
ପତି ତ ପତ୍ନୀର ଚିର ବନ୍ଦନୀୟ
ପତ୍ନୀ ବି ପତିର ସାଥି
ଦୁହେଁ ଦୁହିଁଙ୍କର ଜୀବନ ସାରଥୀ
ରହିଥିଲେ ହୋଇ ରଥି ।
ସତୀ ନାରୀ ଭାବେ ସାବିତ୍ରୀ ନିଜର
ପତି ସେବା କରୁଥିଲେ
ପତିଙ୍କ ମରଣ ଜାଣି ପାରି ସିଏ
ବ୍ୟସ୍ତ ମଧ ହୋଇଥିଲେ ।
ଆଶା ବା ସାହାସ ହରାଇ ନ ଥିଲେ
ଥିଲେ ବଡ ବୁଦ୍ଧିମତି
ଜଙ୍ଗଲ ମଧରେ ସ୍ୱାମୀଙ୍କ ସାଥୀରେ
ଦେଖାଇଲେ କରାମତି ।
ସ୍ୱାମୀଙ୍କର ପ୍ରାଣ ନେବାକୁ ଯମକୁ
ନ ଥିଲେ ସୁଯୋଗ ଦେଇ
ପଛେ ପଛେ ସେତ ଦଉଡ଼ି ଦଉଡ଼ି
ଯମକୁ କରିଲେ ବାଇ ।
ସତ୍ୟବାନ ପ୍ରାଣ ବଦଳେ ମାଗିଲେ
ଯାହା ତାହା ଦେଇଦେବୀ
ମରଣ ଲେଖିଛି ଦଇବ ତାହାର
ତାକୁ ମୁ ନିଶ୍ଚୟ ନେବି ।
ଚତୁର ସାବିତ୍ରୀ ବର ମାଗି ନେଲେ
ଶ୍ୱଶୁରଙ୍କ ରାଜ୍ୟ ପାଇଁ
ନିଜେ ପୁତ୍ରବତୀ ହେବାକୁ ମାଗିଲେ
ବରଗୋଟେ ଦେବେ ସାଇଁ ।
ତଥାସ୍ତୁ କହିଲେ ଯମ ଦେବ ଯେବେ
ସାବିତ୍ରୀ କହିଲେ ପ୍ରଭୁ
ସ୍ୱାମୀ ବିନା ମୁହିଁ ପୁତ୍ରବତୀ ହେବି
କିପରି କୁହ ହେ ବିଭୁ ।
ସତୀ ଜୀବନରେ କଳଙ୍କି ଲାଗିବ
ହେବି ମୁହିଁ ଲୋକ ହସା
ତୁମ ବରଦାନ ବ୍ୟର୍ଥ ହେବ ନିଶ୍ଚେ
ପଡ଼ିବ ଗ୍ରହର ଦଶା ।
ଯମ ପଡିଗଲେ ହରଡ ଘଣାରେ
ଦିଶିଲାନି ଆଉ ରାହା
ସତ୍ୟବାନ ପ୍ରାଣ ଫେରାଇଲେ ସିଏ
ହୋଇ ପୁଣି ତାଙ୍କୁ ସାହା ।
ସାବିତ୍ରୀଙ୍କ ବୁଦ୍ଧି ଫେରାଇଲା ପରା
ତାଙ୍କରି ସୁଖ ସମୃଦ୍ଧି
ସେହି ଦିନ ଠାରୁ ବନ୍ଦନୀୟ ସିଏ
ନାରୀ ଜାତି ମାନ ବୃଦ୍ଧି ।
ଆଜି ବି ଅନେକ ନାରୀଙ୍କ ମଧରେ
ସାବିତ୍ରୀ ପଣ ଟା ବଞ୍ଚିଛି
ନିଜ ସ୍ୱାମୀ ପାଇଁ କେତେ ଉପବାସ
କେତେ ବ୍ରତ କରି ଆସିଛି ।
ସ୍ୱାମୀଙ୍କ ଆୟୁଷ ମରଣ ମୁଖରୁ
ଫେରାଇ ଆଣିବା ପାଇଁ
ମେଡ଼ିକାଲ ଘରେ କେତେ ସେବା କରେ
ଏ କଥା ଜାଣିନ୍ତି ସେହି ।
ଖବର କାଗଜ ଟିଭି ପରଦାରେ
କେତେ ଯେ ସମ୍ବାଦ ଶୁଣୁ
ସ୍ୱାମୀ ର ଜୀବନକୁ ବଞ୍ଚାଇଲା ସ୍ତ୍ରୀ
ଏ କଥାକୁ ଆମେ ଗୁଣୁ ।
କିଛି ନାରୀଙ୍କର ଉଗ୍ରତା ପଣ ଟା
ହରାଇଛି ସାବିତ୍ରୀକୁ
ତଥାପି ବଞ୍ଚିଛି କୋଟି ହୃଦୟରେ
ସାବିତ୍ରୀକୁ ବୁଝିବାକୁ ।
କଟିଯାଇଅଛି ଅନେକ ସମୟ
ସାବିତ୍ରୀର ପଣ ରହିଛି
ସ୍ୱାମୀଙ୍କ ହିତରେ ଉପବାସ କରି
ସଧବାଟି ଚାହିଁ ବସିଛି ।
ସତ୍ୟଯୁଗ ଛାଡ଼ି କଳି ଆସିଅଛି
ଯମର ନାହିଁ ଯେ ଭେଟ
ଭେଟ ଯଦି ତାର ହୁଅନ୍ତା ବନ୍ଧୁ ମୋ
କରି ନଥାନ୍ତା ଏ ନାଟ ।
ସାବିତ୍ରୀଙ୍କ ଠାରୁ ବଡ ଗୁଣୀ ଜ୍ଞାନୀ
ଅଟନ୍ତି ଆଜିର ନାରୀ
ବର ମାଗି ଯମ ପ୍ରାଣ ଘେନି ଥାନ୍ତେ
ନ ଥାନ୍ତା ସ୍ୱାମୀକୁ ହରି ।
ଆଜି ବି ବଞ୍ଚିଛି ବଞ୍ଚିଥିବ ଏଇ
ସୁନ୍ଦର ଗୌରବ ଗାଥା
ଯିଏ ଯାହା ଭାବୁ ସାବିତ୍ରୀ ପାଇଁ ଯେ
ରହିଛି ରହିବ ପ୍ରଥା ।

+ ଭୂତସରସିଙ୍ଗି,ଗଞ୍ଜାମ





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

**ଭାଗ-୨୦**

ମୋ ଲକ୍ଷ୍ୟପୂରଣ କରିବାକୁ ମୁଁ ଏମିତି ବିଚଳିତ ହୋଇ ପଡ଼ିଥିଲି ଯେ, ମୋତେ କିଛି ବି ଭଲ ଲାଗୁନଥିଲା । ରାଗରେ ମୁଁ କେବଳ ମୋ ଚାରିପଟେ ଥିବା ଅସ୍ତ୍ରଶସ୍ତ୍ରକୁ ଫୋପାଡ଼ି ଚାଲିଥିଲି । ମୋ ମନରେ ଦୁର୍ବାର ଶପଥ । ଦରକାର ପଡ଼ିଲେ ଏକଲବ୍ୟ ପରି ଗୁରୁ ପରଶୁରାମଙ୍କ ପ୍ରତିମୂର୍ତ୍ତି ଆଗରେ ବ୍ରହ୍ମାସ୍ତ୍ର ଶିକ୍ଷା କରିବି । ଆଉ ଦାବି କରିବି ପରଶୁରାମଙ୍କ ଶିଷ୍ୟ ହୋଇପାରିଛି ବୋଲି ।

ଉତ୍ତେଜିତ ମନ ନେଇ କୋଠରିରୁ ବାହାରି ଆସିଲି । ଖୋଲା ପଡ଼ିଆରେ ଠିଆହୋଇ ମୁକ୍ତ ଆକାଶକୁ ଅନାଇଲି । କିଛି ସମୟ ପୂର୍ବରୁ ଅସରାଏ ବର୍ଷା ହୋଇ ମାଟିକୁ ସାମାନ୍ୟ ଓଦା କରିଦେଇଥିଲା । ଆକାଶରେ ତଥାପି କଳାମେଘ ଡାଙ୍କି ରହିଥିଲା । ଆହୁରି ବର୍ଷିବାର ସୂଚନା ଦେଉଥିଲା । ମୋତେ ଯେମିତି ଲାଗୁଥିଲା, ମୋ ମନର ଅଭିଳାଷକୁ ପୂର୍ଣ୍ଣ କରିବାକୁ ସତେ ଯେମିତି ମେଘ ମୋତେ ଶୁଭେଚ୍ଛା ଜଣାଉଛି । ହୋଇପାରେ ସାଧନାର ପଥ କଣ୍ଟକିତ । ତଥାପି ଏ କଷ୍ଟକର ସାଧନାରେ ସିଦ୍ଧିଲାଭ କରିବାର ସାହସ ସଞ୍ଚାର କରି ମନକୁ ସଂଯତ କରିନେଲି ।

ଆଶ୍ରମରୁ ସଂଧ୍ୟାପୂଜାର ଘଣ୍ଟି ବାଜିବାର ଶବ୍ଦ ଆସୁଥିଲା । ମୁଁ ବି ସଂଧ୍ୟାପୂଜା ପାଇଁ ପ୍ରସ୍ତୁତ ହେବାକୁ ବାହାରି ପଡ଼ିଲି ।

- ସତର -

ସେଦିନ ଥିଲା ଶୀତର ଏକ ଉଦାସିଆ ଅପରାହ୍ଣ । ମଉଳି ଆସୁଥିଲା ସୂର୍ଯ୍ୟଙ୍କ କିରଣ । ମୋ କୋଠରିର ଝରକା ଫାଙ୍କଦେଇ ଅଳ୍ପଅଳ୍ପ ସୂର୍ଯ୍ୟକିରଣ ପଡ଼ିଥିଲା । ମୁଁ ସେହି ଆଲୋକରେ ବସି ଶୀତୁଆ ଅପରାହ୍ଣକୁ ଉପଭୋଗ କରୁଥିଲି । ଛୁଟିଦିନ ଥିବାରୁ ଆଶ୍ରମକୁ ଯାଇ ନଥିଲି । ମନ ମଧ୍ୟରେ ନାନା ଚିନ୍ତାରେ ବିବ୍ରତ ହୋଇ ମୋତେ କେମିତି ଉଦାସିଆ ଲାଗୁଥିଲା ।

କାହାର ପଦଧ୍ୱନି ଶୁଭୁଥିଲା । ଏ ବେଳରେ ମୋ ପାଖକୁ କିଏ ଆଉ ଆସିପାରେ । ପଛକୁ ଅନାଇ ଦେଖିଲି ଗୁରୁପୁତ୍ର ଅଶ୍ୱତ୍ଥାମା ହସିହସି ମୋ କୋଠରିକୁ ପ୍ରବେଶ କରୁଛନ୍ତି । ସସମ୍ମାନେ ତାଙ୍କୁ ପାଛୋଟି ନେଲି ଭିତରକୁ । କହିଲି, ସତରେ ଆଜି ମୋର ପରମ ସୌଭାଗ୍ୟ । ଏମିତି ବେଳରେ ତୁମକୁ ଅତିଥି ରୂପେ ପାଇ ମୁଁ ଧନ୍ୟ ।

ଆଦେଶକର ମିତ୍ର । ଏ ଦରିଦ୍ର ସୂତପୁତ୍ର ତୁମର କି ସେବା କରିପାରେ । ହସିଉଠିଲେ ଅଶ୍ୱତ୍ଥାମା ଏକ ପରିତୃପ୍ତିର ହସ । କିଏ କହିଲା, ତୁମେ ଦରିଦ୍ର ବୋଲି । ଯାହାର ହୃଦୟ ବିଶାଳ ଓ ଉଦାର ସେ ପୁଣି ଦରିଦ୍ର ହେଲା କେମିତି ।

ଦେଖ ମିତ୍ର, ଏମିତି କଥା ଆଉ ଯେମିତି ମୋ ଆଗରେ ନକୁହ, ବାସ୍ତବିକ, ଅଶ୍ୱତ୍ଥାମାଙ୍କ କଥା ଶୁଣିଲେ କୃତଜ୍ଞତାରେ ମୁଣ୍ଡ ମୋର ନଇଁଯାଏ । କାରଣ, ମୋର ଉଦାସୀନତାର ମୁହୂର୍ତ୍ତରେ ହିଁ ସେ ଏମିତି ଅନେକ କଥା କହି ମୋତେ ଉତ୍ସାହିତ କରନ୍ତି, ସାହସ ଦିଅନ୍ତି ।

ମୋ କାନ୍ଧରେ ହାତ ପକାଇ ଅଶ୍ୱତ୍ଥାମା ମୋ ପଲଙ୍କ ଉପରେ ବସିଗଲେ । ଦେଖ କର୍ଣ୍ଣ, ମୁଁ ଯାହା ଦେଖୁଛି, ତୁମେ ଏହି ସୂତକୁଳରେ ତୁମର ଜନ୍ମକୁ ନେଇ ବାରମ୍ବାର ବିଚଳିତ ହେଉଛ । ନିଜକୁ ଲଜ୍ଜିତ ମନେକରୁଛ । ମୁଁ ତେଣୁ ବ୍ୟଥିତ ।

ମିତ୍ର, ତୁମେ କୁହ ଖାଲି ସମବେଦନା ଜଣାଇଦେଲେ ମୋତେ ତ ଏଥିରୁ ମୁକ୍ତି ମିଳିବନି । ଯେଉଁ ହୀନମନ୍ୟତା ପାଇଁ ମୁଁ ଜଳୁଛି ସେ ତ ମୋ ଠାରୁ ଦୂରେଇ ଯିବନି । ବରଂ ଆହୁରି ଜଳେଇବ ମୋତେ ।

ଏ କ'ଣ କହୁଛ ତୁମେ ଥରେ ଭାବି ଦେଖିଲ ଏସବୁ ହୀନମନ୍ୟତା ପାଇଁ କିଏ ଦାୟୀ ? ବିଧାତା ନା କୁଳ । ସମାଜ ନା ମୋର ପିତାମାତାତୁମେ କ'ଣ ଭାବୁଛ କର୍ଣ୍ଣ । ତାହାହିଁ ତୁମର ଏକମାତ୍ର ପରିଚୟ ବୋଲି ।

ଈଶ୍ୱର ଆମ ସମସ୍ତଙ୍କୁ ଜନ୍ମ ଦିଅନ୍ତି । କୁଳଗୋତ୍ରକୁ ବାଛିବିଚାରି ସେ ତ ଜନ୍ମ ଦିଅନ୍ତି ନାହିଁ । ମଣିଷ ମନର ଦମ୍ଭ, ସାହସ, ପୌରୁଷ କ'ଣ ନିଜର ସ୍ୱଭାବଜାତ ଗୁଣର ମାପକାଠି ନୁହେଁ । ସେ ସବୁଥିରେ ଈଶ୍ୱର ତ ତୁମକୁ ଊଣାକରି ନାହାଁନ୍ତି ।

ଦେଖ କର୍ଣ୍ଣ, ତୁମେ ତ ଏତିକି ସ୍ୱୀକାର କରିବ ସମସ୍ତ ବ୍ରାହ୍ମଣ କୁଳରେ ଜାତ ସନ୍ତାନ ଯେମିତି ବ୍ରାହ୍ମଣ ପଦବାଚ୍ୟ ହୋଇ ନପାରନ୍ତି ସେମିତି ନୀଚକୁଳର ଜାତ ସନ୍ତାନ କେବେ ନୀଚ ନୁହେଁ । ତେଣୁ ଜଣେ ଶୁଦ୍ର ବି ନିଜ କର୍ମବଳରେ କ୍ଷତ୍ରିୟ ହୋଇ ନପାରିବ କାହିଁକି ?

ମାନୁଛି ମିତ୍ର, ତୁମ ମନର କ୍ଷୋଭ, ଆଶଙ୍କା ତୁମ ଚରିତ୍ରକୁ ବିଦ୍ରୋହୀ କରି ଦେଇଛି । ହେଲେ, ତୁମେ ନିଜ ଆଖିରେ ଦେଖିଲ ତ ନିଷାଦକୁମାର କେମିତି ନିଜର ନିଷ୍ଠା, ସାଧନା ବଳରେ କ୍ଷତ୍ରିୟକୁଳକୁ ବି ଟପାଇ ଦେଇପାରିଲା । ତାଙ୍କୁ ସବୁଦିନ ଲାଗି ବୀରତ୍ୱରୁ ବଞ୍ଚିତ କରିବା ଲାଗି ଗୁରୁଦେବ ସିନା ତାର ବୃଦ୍ଧାଙ୍ଗୁଠି କାଟିନେଲେ, ନହେଲେ ଅସ୍ତ୍ର ପ୍ରତିଯୋଗିତାରେ ଆମ ମଧ୍ୟରୁ ଜଣେ ବି କେହି ଏକଲବ୍ୟଙ୍କୁ କ'ଣ ଟପିଯାଇ ପାରିଥାନ୍ତେ । କେବଳ ନୀଚକୁଳରେ ଜାତ ବୋଲି ତ ନିଷାଦ କୁମାରଙ୍କ ପ୍ରତି ଏତେ ଅନ୍ୟାୟ ହୋଇଗଲା ।

ଗୁରୁପୁତ୍ର ହୋଇ ବି ମୁଁ ଏତିକି କହିବି ମୋ ବାପାଙ୍କ ଅହଂ, ଆକ୍ରୋଶ, ପ୍ରତିହିଂସା ହିଁ ଏକଲବ୍ୟକୁ ମହାବୀର ପଦବିରୁ ବଞ୍ଚିତ କରିଥିଲା । କିନ୍ତୁ ସତ୍ୟ କ'ଣ କେବେ ଲୁଚି ରହିବ । ଦିନେ ନା ଦିନେ ଏ ଜାତିର ଇତିହାସ ନିଶ୍ଚୟ ମୁକ୍ତକଣ୍ଠରେ ସ୍ୱୀକାର କରିବ, ଏକଲବ୍ୟ ନିଷାଦ କୁଳରେ ଜନ୍ମଲାଭ କରିବି କ୍ଷତ୍ରିୟର ଯୋଗ୍ୟତାଲାଭ କରିଥିଲା । ଶ୍ରେଷ୍ଠ ବୀରର ମର୍ଯ୍ୟାଦା ପାଇବାରୁ ବଞ୍ଚିତ ହେଲେ ବି ବୀରତ୍ୱର ରକ୍ତ ତା ଧମନୀରେ ପ୍ରବାହିତ ହେଉଥିଲା ।

ତେଣୁ ବଡ଼, ସାନର ବିଚାର କରିବା ଅଧିକାର ଆମର ନାହିଁ । ଏକ ପରିପୂର୍ଣ୍ଣ ଜ୍ଞାନର ମାପକାଠି ହେଲା ମଣିଷ, ମଣିଷ ମଧ୍ୟରେ ସମାନତା ଦେଖିବା । ସକଳ ଜୀବଙ୍କୁ ନିଜ ଭିତରେ ଦେଖିବା ହିଁ ଆମର ଧର୍ମ । ତାହାହିଁ ଆମ ମନର ଦ୍ୱେଷ, ଘୃଣା ଭାବ ଦୂର କରିଥାଏ । ସେତେବେଳେ ବଡ଼ସାନର ବିଚାର ହୁଏନା ।

ବାସ୍ତବରେ ଅଶ୍ୱତ୍ଥାମାଙ୍କର ଥିଲା ଅସାଧାରଣ ବ୍ୟକ୍ତିତ୍ୱ । ତାଙ୍କର କଥା କହିବା ଶୈଳୀରେ ବିମୁଗ୍ଧ ମୁଁ । ଆଖିରୁ ମୋର ଗଡ଼ି ଆସୁଥିଲା ଧାରଧାର ଲୁହ । ଅଶ୍ୱତ୍ଥାମାଙ୍କ ପାଖରେ ମୁଁ କୃତକୃତ ହୋଇ ପଡୁଥିଲି ।

କଥାବୁଲାଇ ଅଶ୍ୱତ୍ଥାମା କହିଲେ, ଜାଣ କର୍ଣ୍ଣ, ତୁମକୁ ଆଜି ଗୋଟିଏ ସମ୍ବାଦ ଦେବାପାଇଁ ଏଠିକୁ ଆସିଥିଲି । ହେଲେ, ଏ ପର୍ଯ୍ୟନ୍ତ ତୁମକୁ ତାହା ଦେଇପାରିନି । ତୁମସହ ଦର୍ଶନତତ୍ତ୍ୱ ତର୍ଜମା କଲେ ମୁଁ ସେସବୁ ଭୁଲିଯାଏ ।

ମୋ ମନରେ ଉତ୍କଣ୍ଠା ବଢୁଥିଲା । ପୁଣି କି ସମ୍ବାଦ ଦେବାକୁ ବାକି ରହିଯାଇଛି । କୁହ ମିତ୍ର, କୁହ କି ସମ୍ବାଦ ଅଛି ।

ହଁ ଏଇ ଭୀମସେନଙ୍କ କଥା ।

ଭୀମସେନ କ'ଣ ହେଲା ତାଙ୍କର ?

ହଁ, କର୍ଣ୍ଣ କଥାଟା ବଡ଼ ଗୁରୁତ୍ୱପୂର୍ଣ୍ଣ । ହେଲେ ପିତାଙ୍କ ଆଦେଶରେ ଗୋପନୀୟ ରଖାଯାଇଛି । ତୁମକୁ ନକହି ରହିପାରିଲି ନାହିଁ । ତେଣୁ ଚାଲିଆସିଲି ।

କାଲିଠାରୁ ଭୀମସେନ ଆଶ୍ରମରେ ନଥିଲେ । କେଉଁଆଡ଼େ ସେ ହଜିଯାଇଥିଲେ ଯେ, ଆମେ ତାଙ୍କୁ ଖୋଜାଖୋଜି କରି ବି ପାଇପାରି ନଥିଲୁ । ବାପା ଖୁବ୍ ଚିନ୍ତିତ ହୋଇ ପଡ଼ିଥିଲେ । ବହୁତ ସମୟ ଖୋଜାଖୋଜି କରି ବି ଆମେ ଯେବେ ତାଙ୍କ କଥା ଚିନ୍ତାକରି କ୍ଳାନ୍ତ ହୋଇ ପଡ଼ିଥିଲୁ ସେତେବେଳେ ସେ ନିଜେ ହିଁ ଫେରି ଆସିଲେ ଆଶ୍ରମକୁ । ଆଉ ତା ମୁହଁରୁ ଯାହା ଶୁଣିଲୁ ଆମେସବୁ ତଟସ୍ଥ ହୋଇ ଯାଇଥିଲୁ ।

ସହଜେ ଭୀମସେନ ଥିଲେ ଆମ ମଧ୍ୟରେ ବହୁତ ବଳୁଆ । ତାଛଡ଼ା ସେ ତ ଏବେ ପିଲା ନୁହଁନ୍ତି । କୈଶୋର ଅତିକ୍ରମ କରି ଯୌବନରେ ପାଦ ଦେଲେଣି । ତାଙ୍କୁ ପୁଣି ବିପଦରେ ପକାଇବ କିଏ ? ମୋ ଭାବନାରେ ବାଧାଦେଇ ଅଶ୍ୱତ୍ଥାମା ଗୋଟିଗୋଟି କରି ବର୍ଣ୍ଣନା କରୁଥିଲେ ସଂପୂର୍ଣ୍ଣ ଘଟଣାଟିକୁ । ଭୀମସେନଙ୍କୁ କେମିତି ବିଷଲଡ୍ଡୁ ଦିଆଯାଇ ମୂର୍ଚ୍ଛିତ କରି ଦିଆଯାଇଥିଲା । ଆଉ ତାପରେ ତାଙ୍କୁ ନଦୀଜଳରେ ଫିଙ୍ଗି ଦିଆଯାଇଥିଲା । ଭାଗ୍ୟବଳରୁ ସେ ସିନା ବର୍ତ୍ତିଗଲା । ନହେଲେ ଆମ ଶିଷ୍ୟମାନଙ୍କର ସଂଖ୍ୟାରୁ ଗୋଟିଏ ତ କମିଯାଇଥାନ୍ତା ।



ମୋତେ ସବୁ ଆଶ୍ଚର୍ଯ୍ୟ ଲାଗୁଥିଲା । ଏ ଘଟଣାଟି କେବଳ ମୋ ପାଇଁ ଆଶ୍ଚର୍ଯ୍ୟମୟ ନଥିଲା । ଥିଲା ମଧ ରହସ୍ୟମୟ । ଛାତ୍ର ଅବସ୍ଥାରୁ ଯଦି ଏମିତି ହିଂସା, ଆକ୍ରୋଶ ହୁଏ ତେବେ ତାର ବିଷମଞ୍ଜି ଦିନେ ଏ ମାଟିକୁ ଯେ ବିଷାକ୍ତ କରି ନ ଦେବ ତାହା କିଏ କହିପାରିବ । ଇଚ୍ଛା ହେଉଥିଲା ସଂଗେସଂଗେ ଦୌଡ଼ିଯାଇ ଏ କାଣ୍ଡ ଭିଆଇଥିବା କର୍ତ୍ତାଟିକୁ ଟାଣି ଆଣନ୍ତି । ହେଲେ ଅଶ୍ୱତ୍ଥାମା ମୁହଁରୁ ଯାହା ଶୁଣିଲି ସେଥିରେ ମୁଁ ହତବମ୍ବ ପାଲଟି ଯାଇଥିଲି ।

ଏ କାଣ୍ଡ ଭିଆଇଥିବା କର୍ତ୍ତା ଜଣକ ତେବେ ମୋରି ପରମ ସଖା, ଅତି ଆପଣାର ଦୁର୍ଯ୍ୟୋଧନ । ବାସ୍ତବରେ କ'ଣ ଦୁର୍ଯ୍ୟୋଧନର ଚରିତ୍ର ଏତେ ନୀଚ । ସେଇ ମୁହୂର୍ତ୍ତରେ ମୋର ଦୁର୍ଯ୍ୟୋଧନଙ୍କ ପ୍ରତି ଘୃଣା ଉଦ୍ରେକ ହୋଇଥିଲା ।

ଶୁଣିଥିଲି ଦୁର୍ଯ୍ୟୋଧନଙ୍କ ସହ ଭୀମସେନଙ୍କ ଶତ୍ରୁତା ପ୍ରବଳ । ଉଭୟ କିନ୍ତୁ ରାଜକୁମାର । କେହି କାହାକୁ ସହିପାରନ୍ତି ନାହିଁ । ତା ବୋଲି ଜଣେ ଅନ୍ୟଜଣକୁ ମାରିଦେଉ, ଏହା ତ କେହି କେବେ ଚାହିଁବେ ନାହିଁ ।

ଦୁର୍ଯ୍ୟୋଧନଙ୍କ ପ୍ରତି ମୁଁ ଖୁବ୍ ଦୁର୍ବଳ । ଉଦାର ଓ ସମ୍ବେଦନଶୀଳ ମଧ୍ୟ । ତେଣୁ ମୋ ମନରେ ଉଙ୍କି ମାରୁଥିଲା ଆଉ ଏକ ଚିନ୍ତାଧାରା । ଏସବୁ କ'ଣ ଦୁର୍ଯ୍ୟୋଧନଙ୍କ ନିଜସ୍ୱ ଚିନ୍ତାଧାରା ନା ଅନ୍ୟ କେହି ତାଙ୍କରି ମାଧ୍ୟମରେ ଏ କାଣ୍ଡ ଭିଆଇ ତାଙ୍କୁ ବଦନାମ କରିଛି । ହୋଇପାରନ୍ତି ଦୁର୍ଯ୍ୟୋଧନ ମାନୀ, ଅହଂକାରୀ, ଦର୍ପୀ । ତା ବୋଲି ନିଜର ଭାଇ ପ୍ରତି ଏ ତ ଘୋର ଅନ୍ୟାୟ, ଯେତେବଡ଼ ବନ୍ଧୁ, ସହଦୋର, ସଖା ହୁଅନ୍ତୁ ନା କାହିଁକି, ଏମିତି ଅପରାଧ ଆଦୌ କ୍ଷମଣୀୟ ନୁହେଁ । ଆମେ ସମସ୍ତେ ଏଠି ସହପାଠୀ । ବର୍ଷବର୍ଷ ଧରି ଏକାଠି ପାଠ ପଢୁଛୁ । ସୁଖଦୁଃଖ ହେଉଛୁ, ଏକାଠି ଖେଳିଛୁ ତା ବୋଲି କେହି କାହାକୁ ମରଣ ମୁହଁକୁ ଠେଲିଦେବୁ । ଏକଥା କ'ଣ ବିଶ୍ୱାସର ଯୋଗ୍ୟ । ଏବେଠାରୁ ଯଦି ଆମେ ସତର୍କ ନହେବୁ, ତେବେ କିଏ ଜାଣେ ଆଗାମୀ ଭବିଷ୍ୟତରେ ଏହାର ବିଷ ସଞ୍ଚରି ମାରାତ୍ମକ ରୂପଧାରଣ କରିବ ବୋଲି ।

ଅଶ୍ୱତ୍ଥାମା କହିଚାଲିଥାନ୍ତି । ହସ୍ତିନାପୁର ରାଜପ୍ରାସାଦ ମଧ୍ୟରେ ଶକୁନି ମାମୁଙ୍କ ଉପସ୍ଥିତି । ଆଉ ତାଙ୍କରି ପ୍ରରୋଚନାରେ ଯେତେ ପ୍ରକାର ଖଳ, କୂଟନୀତି ସବୁର ଶିକାର ହେଉଛନ୍ତି ଯୁବରାଜ ଦୁର୍ଯ୍ୟୋଧନ । ତାଙ୍କର ମନରେ ଏବେଠାରୁ ଯେଉଁ ବିଷମଞ୍ଜି ପୋତି ଦିଆଯାଉଛି, ସେହି ଚାରା ବଢ଼ିବଢ଼ି ଦିନେ ବରାଟ ବିଷବୃକ୍ଷଟିଏ ହୋଇ ଛିଡ଼ାହେବ । ତେଣୁ ରାଜ ପରିବାରରେ ଶକୁନିମାମୁ ହିଁ କୌରବ ଓ ପାଣ୍ଡବ ମାନଙ୍କ ମଧ୍ୟରେ ଏକ ବିଭେଦମାନ ପାଚେରି ସଦୃଶ ।

ଦୁଃଖ ଆସୁଥିଲା ଦୁର୍ଯ୍ୟୋଧନ ପାଇଁ । ଆଶ୍ରମ ଜୀବନକାଳରେ ସେ ହିଁ ତାଙ୍କର ଏକାନ୍ତ ବିଶ୍ୱସ୍ତ ବନ୍ଧୁ । ଅଥଚ ଦୁର୍ଯ୍ୟୋଧନ ସବୁକଥାରେ ତାଙ୍କର ପରାମର୍ଶ ଲୋଡୁନାହାଁନ୍ତି କାହିଁକି ? ଥରୁଟିଏ ଯଦି ଦୁର୍ଯ୍ୟୋଧନ ତାଙ୍କର ଏହି ଷଡ଼ଯନ୍ତ୍ର ସଂପର୍କରେ ପରାମର୍ଶ ମାଗିଥାନ୍ତେ, ତେବେ ଏମିତି ଏକ ଅଘଟଣ କେବେ କ'ଣ ଘଟିଥାନ୍ତା । ଆଜି ନହେଲେ କାଲି ନିଶ୍ଚୟ ଜଣାପଡ଼ିବ । ଏ ଘଟଣାର ସତ୍ୟାସତ୍ୟ କେବେ ଲୁଚି ରହିବ ନାହିଁ । ଆଉ ସେଦିନ କ'ଣ ଭାବିବେ ପାଣ୍ଡବମାତା । ହସ୍ତିନାପୁର ରାଜପ୍ରାସାଦରେ ଉଭୟଙ୍କ ସମାନ ଅଧିକାର ଅଛି । ସମୟ ଆସିଲେ ସେମାନେ ବି ନିଶ୍ଚୟ ପ୍ରତିଶୋଧ ନେବେ ।

ମନେମନେ ମୁଁ ଧନ୍ୟବାଦ ଦେଉଥିଲି ଭୀମସେନଙ୍କୁ । ବିଷର ଉତ୍କଟ ଜ୍ୱାଳାରୁ କେମିତି ସେ ନିଜକୁ ମୁକ୍ତ କରି ପାରିଲେ । ଏଇ କ'ଣ ଜଣେ ବୀରର ଯଥେଷ୍ଟ ପରିଚୟ ନୁହେଁ । ଯାହାର ଆୟୁ ରହିଛି ତାର ଜୀବନ ବା ନେବ କିଏ ? ଭାଗ୍ୟ ହିଁ ତାଙ୍କୁ ରକ୍ଷାକଲା ସିନା, ସତରେ ଖୁବ୍ ଭାଗ୍ୟବାନ ନିଶ୍ଚିତ ।

ଗୋଟି ଗୋଟି କରି ସବୁ ଦୃଶ୍ୟ ବର୍ଣ୍ଣନା କରି ଅଶ୍ୱତ୍ଥାମା ପ୍ରଗଳ୍ଭ ହୋଇ ଉଠୁଥିଲେ । ମୁଁ ଭାବୁଥିଲି ବାସ୍ତବରେ ଜୀବନଟା ହିଁ ଏକ ସଂଗ୍ରାମ । ବଞ୍ଚି ରହିବାକୁ ହେଲେ ଏମିତି କେତେ ସଂଗ୍ରାମ ଆହ୍ୱାନକୁ ମୁକାବିଲା କରିବାକୁ ପଡ଼ିବ । ଆଉ ସେଥିପାଇଁ ବିବ୍ରତ ହେବା ଉଚିତ ନୁହେଁ । ମୋ ଜୀବନରେ ବି ଏମିତି ଅନେକ ସଂଗ୍ରାମର ମୁକାବିଲା କରିବାକୁ ପଡ଼ିବ । ଆଜି ଭୀମସେନଙ୍କ ଅବସ୍ଥା ଯାହା ହେଲା, କାଲି ଆମର ମଧ୍ୟ ଏମିତି କିଛି ନ ଘଟିବ ଏକଥା କିଏ କହିପାରେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ସମ୍ପର୍କର ରଙ୍ଗ

# ସତ୍ୟ ସବୁବେଳେ ଏକା ଚାଲେ

**ଶ୍ୱେତା ରାଉତ୍**



କେବେକେବେ ଜୀବନରେ ଏମିତି ମୋଡ଼ ଆସେ, ଆପଣ ସମ୍ପୂର୍ଣ୍ଣ ଏକା ହୋଇଯାଆନ୍ତି ଏବଂ ଅପରପାର୍ଶ୍ୱରେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସମ୍ପର୍କୀୟ ସମସ୍ତେ ଛିଡ଼ା ହୋଇଯାଆନ୍ତି । ଆପଣଙ୍କ ଭିତରେ ସେମାନଙ୍କୁ ସାମ୍ନା କରିବାର ସାମର୍ଥ୍ୟ ନଥାଏ । ମନେ ମନେ କେବଳ ଭାବିହୁଅନ୍ତି, 'ସାରା ଜୀବନ ଈଶ୍ୱରଙ୍କୁ ଡାକିଛି, ସମସ୍ତଙ୍କ ପାଇଁ କର୍ତ୍ତବ୍ୟ କରିଛି, ନିଜର ଧନ ସମ୍ପତ୍ତି ସବୁ ସମର୍ପଣ କରିଦେଇ ନିଃସ୍ୱ ହୋଇଛି, ସବୁ କର୍ମରେ ଈଶ୍ୱରଙ୍କୁ ସାକ୍ଷୀ ରଖିଛି ତଥାପି ମୋ ସହିତ ଏମିତି କାହିଁକି ହେଲା ? ସତରେ କଣ ଧର୍ମ ନାହିଁ, ଈଶ୍ୱର ନାହାନ୍ତି ?'

ଆପଣ ଯେକୌଣସି ପୁରାଣ, କିମ୍ବଦନ୍ତୀ, ଇତିହାସର ପୃଷ୍ଠା ଲେଉଟାଇ ଦେଖନ୍ତୁ ଅଧର୍ମି, ଅତ୍ୟାଚାରି ମାନେ ହିଁ ସାରା ଜୀବନ ଖୁସିରେ ନିଜର ଆଧିପତ୍ୟ ଦେଖେଇ ରହିଥାନ୍ତି ଅଥଚ ମଲାବେଳେ ଅତି ନିକୃଷ୍ଟ ମରଣ ମରନ୍ତି ଏବଂ ଜନ୍ମ ଜନ୍ମାନ୍ତର ପାଇଁ ନା ସେମାନଙ୍କର ପୂଜା କରାଯାଏ ନା ଗୋଟେ ଭଲ ଉଦାହରଣ ହୋଇପାରନ୍ତି । କିନ୍ତୁ ସତ୍ୟପଥରେ ଚାଲୁଥିବା ଧାର୍ମିକ ବ୍ୟକ୍ତିମାନେ ଅବଶ୍ୟ ଦୁଃଖ, କଷ୍ଟ, ଯନ୍ତ୍ରଣାଦାୟକ ଜୀବନ ଅତିବାହିତ କରନ୍ତି, ହଇରାଣ ହୋଇଥାନ୍ତି କିନ୍ତୁ ହାରନ୍ତି ନାହିଁ । ସେମାନଙ୍କୁ ବୈକୁଣ୍ଠ ପ୍ରାପ୍ତି ହୁଏ । ଇତିହାସରେ ଚିର ଅମର ହୋଇ ଆଗାମୀ ପିଢ଼ି ପାଇଁ ଉଦାହରଣ ହୋଇ ରହିଥାନ୍ତି । ପ୍ରତ୍ୟେକଟି ଆତ୍ମା ତାଙ୍କର ପୂଜା କରିଥାଏ ।

ଆପଣ ଯଦି କେବେ ଏମିତି ଅତ୍ୟାଚାରୀମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଥାନ୍ତି ଏବଂ ସଂସ୍କାର, ମର୍ଯ୍ୟାଦା ପାଇଁ ପ୍ରତିବାଦ କରିବାର ସାହସ ଜୁଟାଇ ନପାରୁଛନ୍ତି, ନୀରବ ରହି ଈଶ୍ୱରଙ୍କୁ ହାତଟେକି ଦିଅନ୍ତୁ । ବିଶ୍ୱାସ ରଖନ୍ତୁ ଏକ ଅଦୃଶ୍ୟ ଅଣାକାର ଶକ୍ତି ନିଶ୍ଚିତ ଅଛି ଯିଏ ପୃଥିବୀକୁ ତା ହାତ ମୁଠାରେ ନଚାଇପାରେ । ଏଇ ଯେମିତି ପ୍ରକୃତି, କରୋନା ମହାମାରୀ ପରି ଏକ ଭୟଙ୍କର ବିପଦ ହୋଇ ବିଜ୍ଞାନକୁ ତା'ର ଶକ୍ତି ଓ ପରାକ୍ରମ ଦେଖାଉଛି ଏବଂ ସମଗ୍ର ବିଶ୍ୱ ହତୋତ୍ସାହ ହୋଇ ନିଜକୁ ବଞ୍ଚେଇବାକୁ ସଂଘର୍ଷ କରୁଛି ।

ବେଳେ ବେଳେ ସଠିକ୍ କର୍ମ କରିବା ପରେ ମଧ ଆମକୁ ଦଣ୍ଡ ମିଳିଥାଏ । ଦୋଷ ନକରି ମଧ ଦୋଷୀ ସାବ୍ୟସ୍ତ ହୁଅନ୍ତି । ଅନ୍ୟ କାହାର ଭୁଲ୍ ପାଇଁ ବି ଆମକୁ ଦଣ୍ଡ ମିଳିଥାଏ । ଯେମିତି ରାଜା ଦଶରଥ ବନସ୍ଥଳରେ ଅଜାଣତରେ ଶ୍ରବଣ କୁମାରଙ୍କୁ ଶର ବିନ୍ଧିଲେ ଓ ଅନ୍ଧ ମୁନିଙ୍କଠୁ ଅଭିଶାପ ପାଇଲେ । ବାପାଙ୍କର ଭୁଲ୍ ପାଇଁ ବିଚରା ଶାନ୍ତ ସରଳ ପୁଅ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ବନବାସର କଷ୍ଟ କାଟିଲେ । ମାତା କୈକେୟୀ କରିଥିବା ଭୁଲ୍ ପାଇଁ ପୁତ୍ର ଭରତ ଭାତୃ ବିୟୋଗ ଦୁଃଖ ସହିତ ଯୋଗି ଜୀବନ ଅତିବାହିତ କଲେ । ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଗାନ୍ଧାରୀର ଅଭିଶାପ ପାଇଁ ଯଦୁବଂଶ ଧ୍ୱଂସ ହୋଇଗଲା । ଦ୍ରୋଣାଚାର୍ଯ୍ୟଙ୍କୁ ଯୁଦ୍ଧରେ ହରାଇବାକୁ କପଟ କଲେ କୃଷ୍ଣ ଓ ପାଣ୍ଡବ, କିନ୍ତୁ ଦଣ୍ଡ ଭୋଗିଲେ ଅଶ୍ୱଥାମା ହାତୀ ।

ବେଳେବେଳେ କିଛି ବୃହତ ଭଲ କାର୍ଯ୍ୟ ପାଇଁ କିଛି ଦଣ୍ଡ ଭୋଗିବାକୁ ପଡ଼େ, କିଛି କଷ୍ଟ ସହିବାକୁ ପଡ଼େ, କିଛି ଦୁଃଖକୁ ବରଦାସ୍ତ କରିବାକୁ ପଡ଼େ । ପ୍ରତି କର୍ମ ପଛରେ ଏକ ମହତ ଉଦ୍ଦେଶ୍ୟ ଥାଏ ଯାହା ଆମର ଚର୍ମଚକ୍ଷୁ ଦେଖି ପାରୁନଥାଏ ଯାହା ଆମର ବିଚଳିତ ମନ ବୁଝି ପାରିନଥାଏ । ତେଣୁ କୌଣସି ପରିସ୍ଥିତି କେତେ ଭୟଙ୍କର ହେଲେ ବି ଆମକୁ ଧୈର୍ଯ୍ୟ ଓ ସାହସ ରଖି ଈଶ୍ୱରଙ୍କ ଏ ଆୟୋଜନକୁ ସ୍ୱୀକାର କରିନେବା ଉଚିତ୍ । ସମସ୍ତେ ଯଦି କେବଳ ସୁଖ, ଶାନ୍ତି, ସମୃଦ୍ଧି ଚାହିଁବା ଏ ଦୁଃଖ ଶବ୍ଦଟା ନବ କିଏ ? ଦୁଃଖ ମଣିଷକୁ ଭାଙ୍ଗେ ନାହିଁ, ଆହୁରି ମଜବୁତ୍ କରେ । ଯେମିତି ସୁନାକୁ ପିଟିପିଟି ଗହଣା କରାଯାଏ ।

କୌଣସି ପରିସ୍ଥିତିରେ ସତ ପଥରେ ଥାଇବି ଯଦି ଆପଣ ଦୁଃଖ ଭୋଗୁଛନ୍ତି ଏବଂ ମିଥ୍ୟା ଦୋଷାରୋପର ଦଣ୍ଡ ଭୋଗୁଛନ୍ତି ତେବେ ଆଦୌ ହତୋତ୍ସାହ ହୁଅନ୍ତୁ ନାହିଁ । ସତ୍ୟ ସବୁବେଳେ ଏକା ଚାଲେ ଆଉ ମିଥ୍ୟା ସବୁବେଳେ ଦଳ ହୋଇଥାଏ । ଆପଣ ଏକା ଅଛନ୍ତି ମାନେ ଏ କଳିଯୁଗରେ ଆପଣ ସତ୍ୟପଥରେ ଅଛନ୍ତି ଏବଂ ଈଶ୍ୱର ସ୍ୱୟଂ ଆପଣଙ୍କ ରକ୍ଷାକର୍ତ୍ତା । ମନରେ ବିଶ୍ୱାସ ରଖି ମଥାନତ କରି ସବୁ ସ୍ୱୀକାର କରି ଯାଆନ୍ତୁ,ନିଜକୁ ଈଶ୍ୱରଙ୍କ ପାଖରେ ସମର୍ପିତ କରିଦିଅନ୍ତୁ । ଯଦି ମୃତ୍ୟୁ ବି ଆସେ ତ ସେ ମୃତ୍ୟୁ ବି ଆପଣଙ୍କ ପାଇଁ ବିରଗତୀ ହେବ । ସତ୍ୟର ସବୁ ଯୁଗରେ ଜୟ ହୁଏ ଏବଂ ଜୟ ହିଁ ହେବ ।


+ରାଉତ୍ କମ୍ପ୍ଲେକ୍ସ, କଟକ ରୋଡ୍,ଭୁବନେଶ୍ୱର-୬
(ମୋ) ୯୪୩୯୭୨୬୦୬୦


# ଆଜିର କବିତା

## ଅନ୍ଧାର ରାତିର ଦୁଃଖ...

**ଇଂ. ଅବନ୍ତୀ ମଲ୍ଲିକ**



ରାତ୍ରୀ କାଳେ ନିର୍ଜନରେ ଦୁଃଖମାନେ
ଓହ୍ଲାଇ ଆସନ୍ତି ଛାତିରୁ
କୁହୁଡ଼ିର ଘନ ଆସ୍ତରଣ ଠେଲି
ଧୀରେ ଧୀରେ ଲୋଟି ପଡ଼ନ୍ତି
ବାହାରେ, ସବୁଜ ସଜଳ ଘାସପରେ ।
ମୋର ଦୁଃଖମାନେ
କେବେ ସ୍ୱଷ୍ଟ ସଙ୍କୋଚପ୍ରିୟ
କେବେ ସ୍ୱଷ୍ଟ ଦିବାଲୋକରେ
ବାହାରନ୍ତି ନାହିଁ ଛାତିତଳୁ
ଅବଗୁଣ୍ଠିତା ନାରୀ ପରି
ସେମାନେ ବିଚରୁଥାନ୍ତି ଭିତରେ ଭିତରେ
ଛାତିରୁ ମୁଣ୍ଡକୁ
ମୁଣ୍ଡରୁ ଛାତିକୁ... ।
ସବୁକାଳେ ତ ଛାତିତଳେ ଦୁଃଖର ସ୍ତୁପଟିଏ
ବରଫ ପରି ଜମାଟ ବାନ୍ଧି
ମହମ ପାଲଟିଥାଏ କେଉଁ ସୂର୍ଯ୍ୟାଲୋକରେ
କେଜାଣି ତରଳୁଥାଏ ମଝିରେ ମଝିରେ
ପୁଣି ଜମାଟ ବାନ୍ଧୁଥାଏ ମନକୁ ମନ ।

ଏମିତି ଅବୁଝା ଦୁଃଖ ପାଇଁ
ସାରାକାଳ ଛଟପଟ ମୁଁ
ଇଚ୍ଛାହୁଏ, ଜଉଘରେ ବାନ୍ଧି ଦେଇ
ଲଗାଇ ଦିଅନ୍ତି ନିଆଁ
ହେଲେ ମୋ ସଂକୋଚପ୍ରିୟ ଦୁଃଖମାନେ
ଛାତିତଳୁ ବାହାରକୁ କେବେ ଆସନ୍ତିନି
କେବଳ ରାତିର ଗଭୀର ଅନ୍ଧକାର ଛଡ଼ା ।


+ ଚରମ୍ପା, ଭଦ୍ରକ


## ଏଇତ ଜୀବନ...

**କୃଷ୍ଣା ପ୍ରଧାନ**



ଜୀବନ କହିଲେ ବୁଝିବା କଅଣ
ଖରା ବର୍ଷା ଶୀତ ସବୁ ସମାନ
ଆରମ୍ଭର ଶେଷ ଅଛି, ଅଇନାର ସୀମା ଅଛି
କିନ୍ତୁ ଏ ଆରମ୍ଭର ଶେଷ କେବେ ?

ଧର୍ମ ନାମରେ ମହୀୟାନ କରି ନିଜକୁ
ପକାଉଛନ୍ତି ବଳି ନିରୀହ ବ୍ୟକ୍ତିତ୍ୱକୁ,
କେନ୍ଦ୍ରାପଡ଼ାରୁ ସୁଦୂର ପଞ୍ଜାବ ଯାଏ
ସାରଥୀ ଭଣ୍ଡବାବା ଠାରୁ ରାମ ରହିମ
ଯିଏ ନିଜ ସ୍ୱାର୍ଥ ପାଇଁ କରନ୍ତି କ୍ୟାରିଅର
ଆଉ ଖେଳନ୍ତି ସାଧାରଣ ଜନତାର
ଭାବନାକୁ
ଜୀବନର ସଂଜ୍ଞା କ'ଣ ଏହା ?

ନା' ତାଙ୍କ ପାଶେ ନାହିଁ ଉତ୍ତର
ନା ଅଛି ଆଜିର ସମାଜ ପାଖରେ
ଏହାର କ'ଣ ଅନ୍ତ ନାହିଁ କେବେ ?
ପ୍ରସ୍ତୁତ ହେବାକୁ ହେବ ଆମ ସମସ୍ତଙ୍କୁ
ଆଗାମୀ ପିଢ଼ି ପାଇଁ
କିଛି ଅନୁଚିନ୍ତା ଓ ଅନୁଭୂତିକୁ ନେଇ
ମାଟିର ଶରୀର ମାଟିରେ ମିଶିବ ଦିନେ
ଏ କଥାକୁ ବୋଧେ ଭୁଲି ଯାଆନ୍ତି
ସେମାନେ
ତେଣୁ ହେ ଭଣ୍ଡ ବାବାମାନେ
ଜୀବନର ସଂଜ୍ଞା
ଏଇ ମାଟିର ଛାତିରେ
ଛଅଖଣ୍ଡ କାଠରେ, ମାଟି ତଳେ ଅବା
କଫିନ୍ ଭିତରେ
ଏଇତ ଜୀବନ... ।


+ ଚାନ୍ଦମାରିପଡ଼ିଆ, ସହଦେବଖୁଣ୍ଟା,
ବାଲେଶ୍ୱର
(ମୋ) ୯୮୬୧୯୫୦୦୮୨


## ମୁଁ...

**ନିହାରିକା ରାୟ ବରାଳ**



ମୁଁ ଭାଙ୍ଗି ଯାଇଥିବା ଏକ ସ୍ୱରହୀନ
ବେସୁରା ପିଆନୋ
ଯାହାର ପ୍ରତିଟି ସ୍ନାୟୁରେ କେବଳ
ଖାଁ ଖାଁ ନିର୍ଜନ କମ୍ପନ

କିଏ ତମେ ଗୌତମ
ଠିଆ ହୋଇଛ ସେଠି
ମୋ ପାଖକୁ ଆସ ଆଉ
ଖୋଲିଦିଅ ତମର ଉତ୍ତରୀୟ
ତମ କଠୋର ଅଥଚ ନିହାତି
ସମ୍ବେଦନଶୀଳ
ଛାତିକୁ ମୋ ତତଲା ଲୁହରେ
ତିନ୍ତିବାକୁ ଦିଅ
ବସିରୁହ ନିର୍ବିକଳ୍ପ, ନିର୍ବିକାର ହୋଇ
ମୋର ସବୁ ଯନ୍ତ୍ରଣାର ଜ୍ୱଳନକୁ
ଲୁହର ଗଙ୍ଗାରେ ନ ଧୋଇବା ଯାଏ

ମୋ ପାଖକୁ ଆସ
ତମ ଛାତିର ବିଶାଳତା ଭିତରେ
ପୃଥିବୀର ମୋ ପାଇଁ ନିରାପଦ ଜାଗା
ମୁଁ ବାଛିନିଏ,
ଖୋଜିନିଏ ନିମିଷକେ
ମତେ ଗୋଟାପଣେ ଆବିଷ୍ଟ କରି ରଖିଥିବା
ତମ ବାହୁର ବୃହତ୍ ଆକାଂକ୍ଷାର କୋଣ ।

ଗୋଟେ ବର୍ଷା ଝଡ଼ର ନିବିଡ଼ତା ପରି
ମୁଁ ବନ୍ଦୀ ହୋଇଯାଏ
ତମ ଉଷୁମ ସରାଗରେ
ବାରମ୍ବାର ଜନ୍ମିବାକୁ ଇଚ୍ଛା ହୁଏ
ତମ ପାଇଁ ଭିନ୍ନ କେଉଁ
ନିରୋଳା ଗ୍ରହରେ ।


+ ଅନୁରାଗ, ବି-୧୦, ପ୍ରତିଭା
ଏନ୍‌କ୍ଲେଭ୍, ବିଜେବି ନଗର,
ଭୁବନେଶ୍ୱର-୧୪
(ମୋ) ୯୪୩୭୧୨୩୨୪୮

# ଉଠା ଦୋକାନୀଙ୍କୁ ସହାୟତା ମଞ୍ଜୁର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ପ୍ରତାପ ଜେନା



ଭୁବନେଶ୍ୱର,୯/୬ (ନି.ପ୍ର): ସହରାଚଂଳ ଉଠା ଦୋକାନୀଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ୨୬ କୋଟି ୨୯ ଲକ୍ଷ ୭୧ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଏଥି ପାଇଁ ପଚଂାୟତିରାଜ , ପାନୀୟଜଳ , ଆଇନ, ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ସମୟୋଚିତ ପଦକ୍ଷେପ ନିମନ୍ତେ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି ।

କୋଭିଡ ଲହର ଜନଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଥିବା ବେଳେ ଜୀବନ ଜୀବିକା ଉପରେ ମଧ୍ୟ ସର୍ବାଧିକ ପ୍ରଭାବ ପକାଇଛି । ଲକ୍‌ଡାଉନ ଯୋଗୁ ସହରାଚଂଳର ଉଠା ଦୋକାନି ମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସେମାନଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୬ କୋଟି ୨୯ ଲକ୍ଷ ୭୧ ହଜାର ଟଙ୍କା ମଞ୍ଜୁର କରିଛନ୍ତି ଓ ଏହା ଦ୍ୱାରା ରାଜ୍ୟର ୮୭ ହଜାର ୬୫୭ ଜଣ ଉଠା ହୋକାନୀ ଉପକୃତ ହେବେ ।

# ନିମ୍ନମାନର ପିଡିଏସ ଚାଉଳ ପାଇଁ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୯/୬ (ନି.ପ୍ର): ନିମ୍ନମାନର ପିଡିଏସ ଚାଉଳ ଏବଂ ଏହି ମହାଦୁର୍ନୀତି ପାଇଁ ଯୋଗାଣ ମନ୍ତ୍ରୀ ରାଜା ସ୍ୱାଇଁ ଏବଂ ବିଭାଗୀୟ ସଚିବ ବିରବିକ୍ରମ ସିଂଙ୍କୁ ଦାୟି କରାଯାଇ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମାଷ୍ଟର କ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭରେ ମନ୍ତ୍ରୀ ସ୍ୱାଇଁଙ୍କର କୁଶପୁତଳିକା ଦାହ କରାଯାଇଥିଲା ।

ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ଓଡ଼ିଶାର ୭୭ଭାଗ ଲୋକ ଅର୍ଥାତ ୩ କୋଟିରୁ ଉର୍ଦ୍ଧ୍ୱ ଲୋକ ଯେଉଁ ଚାଉଳ/ ଗହମ ପାଉଛନ୍ତି ତାହା ଛେଳି, ମେଣ୍ଢା, ଘୋଡା ଆଦି ପଶୁଖାଦ୍ୟ ଯୋଗ୍ୟ ବୋଲି କେନ୍ଦ୍ର ସରକାରଙ୍କ ଖାଉଟି କଲ୍ୟାଣର ମନ୍ତ୍ରଣାଳୟର ଅଧିକାରୀମାନେ ତଦନ୍ତ କରି ରାଜ୍ୟ ସରକାରଙ୍କୁ ଜଣାଇ ଦେଇଛନ୍ତି । କଟକ ଓ ଖୋର୍ଦ୍ଧାର ଚାଉଳ ଗୋଦାମ, ରାଇସ ମିଲ, ଶୋଲଭ ଗୋଦାମ ଏବଂ ଏଫସିଆଇ ଗୋଦାମରୁ ସଂଗୃହିତ ୧୫ଟି ନମୁନା ଦିଲ୍ଲୀ କୃଷି ବିଭାଗ ପରୀକ୍ଷାଗାରରେ ପରୀକ୍ଷଣ କରାଯିବା ପରେ ୯ଟି ନମୂନା ପଶୁଖାଦ୍ୟ ବୋଲି ପ୍ରମାଣିତ ହେଲା । ଏବେ କେନ୍ଦ୍ର ଖାଉଟି କଲ୍ୟାଣ ବିଭାଗ ୨ଟି ଟିମ କରି ୮ଟି ଜିଲ୍ଲାରେ ଏହାର ତଦନ୍ତ କରୁଛନ୍ତି । ବର୍ତ୍ତମାନ ୧୦ଲକ୍ଷ ଟନ ଚାଉଳ ମହଜୁଦ ଅଛି । ଏହାର ଆନୁମାନିକ ମୂଲ୍ୟ ୨୫୦୦ କୋଟି । ଯଦି କଟକ ଖୋର୍ଦ୍ଧା ଜିଲ୍ଲାର ଅବସ୍ଥା ଏପରି ତେବେ ମାଲକାନଗିରି, ନବରଙ୍ଗପୁର ଓ ମୟୁରଭଞ୍ଜରେ ଅବସ୍ଥା କିପରି ଥିବ ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି । ଏଥିରୁ ସ୍ପଷ୍ଟ ଯେ ବ୍ୟାପକ ଚାଉଳ ରିସାଇକ୍ଲିନ ହେଉଛି । ବର୍ତ୍ତମାନ ରାଜ୍ୟ ଯୋଗାଣ ନିଗମର କ୍ୱାଲିଟି ସେଲ ତଦନ୍ତ କରି କେବଳ ତଳତଳିଆ ଅଫିସରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ମାତ୍ର ଏହି ମହାଦୁର୍ନୀତର ଖଳନାୟକ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ବିଭାଗୀୟ କମିଶନର ବୀରବିକ୍ରମ ସିଂ କୋଟି କୋଟି ଟଙ୍କା ଆତ୍ମସାତ କରି ମୁଖ୍ୟମନ୍ତ୍ରୀଙ୍କ ବାହୁଛାୟାତଳେ ନିର୍ଭୟରେ ରହିଛନ୍ତି । ପ୍ରଦେଶ ଛାତ୍ର କଂଗ୍ରେସ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କମିଶନର ବିରବିକ୍ରମ ସିଂ, ମିଲମାଲିକ ଏବଂ ଏଥିରେ ସଂପୃକ୍ତ ଥିବା ସମସ୍ତ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି ଏବଂ ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ ଯେ କେନ୍ଦ୍ର ସରକାର ଅତ୍ୟାବଶକୀୟ ସାମଗ୍ରୀ ଆଇନ ୨୦୨୦ ରେ ସଂପୃକ୍ତ ମିଲମାଲିକଙ୍କୁ ଖୁବଶୀଘ୍ର କଳା ତାଲିକାଭୁକ୍ତ କରନ୍ତୁ । ପିଡିଏସ ଯୋଜନାରେ ଲୋକଙ୍କୁ ପଶୁଖାଦ୍ୟ ଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ ଚରମ ବିଶ୍ୱାସଘାତକତା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସୁନିଲ ମାଟିଆ, ବାବୁ ଜେନା, ରଞ୍ଜିତ ପାତ୍ର, ସୁବ୍ରତ ମହାପାତ୍ର, ବାଦଲ ମହାନ୍ତି, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ, ଦେବ୍ରପସାଦ ନାୟକ, ସୁୟମ୍ମ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ମମତା କୁଣ୍ଡୁ ପ୍ରଫେସନାଲ କଂଗ୍ରେସ ସଭାନେତ୍ରୀ ନିଯୁକ୍ତ

ଭୁବନେଶ୍ୱର,୯/୬ (ନି.ପ୍ର): ଗତକାଲି ଅଖିଲ ଭାରତତୀୟ ପ୍ରଫେସନାଲ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଶଶିଥରୁରୁ ମମତା କୁଣ୍ଡୁଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଫେସନାଲ କଂଗ୍ରେସ ସଭାନେତ୍ରୀ ଭାବେ ମନୋନୀତ କରିଛନ୍ତି । ସେହିପରି ସଂଜୟ ମିଶ୍ରଙ୍କୁ ଉପସଭାପତି ଏବଂ ଆଇନଜୀବୀ ଆକାଶ ଭୁୟାଁଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି । ଓଡ଼ିଶାରେ ପ୍ରଫେସନାଲ କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବା ପାଇଁ ଏ ତିନିଜଣ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ରାଷ୍ଟ୍ରୀୟ ସଭାପତି ଶଶି ଥରୁରୁ ଆଶାବ୍ୟକ୍ତ କରିଛନ୍ତି । ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ ଏବଂ ପ୍ରଦୀପ ମାଝୀ ଏହି ତିନିଜଣଙ୍କୁ ଅଭିନନ୍ଦନ ଜ୍ଞାପନ କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅନ୍ୟାନ୍ୟ ଛାମୁଆ ସଂଗଠନ ଯଥା ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଏବଂ ମହିଳା କଂଗ୍ରେସ ଓ ପ୍ରଦେଶ କଂଗ୍ରେସ କମିଟି ସହିତ ସମନ୍ୱୟ ରକ୍ଷା କାର୍ଯ୍ୟକରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ମାଝୀ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ।

# ତୈଳ ଦର ବୃଦ୍ଧି ପ୍ରତ୍ୟାହାର ଦାବିରେ ଆସନ୍ତା ୧୧ରେ ସବୁ ପେଟ୍ରୋଲ ପମ୍ପରେ ୪ ଘଂଟିଆ ଧାରଣା ଦେବ କଂଗ୍ରେସ

ଭୁବନେଶ୍ୱର,୯/୬ (ନି.ପ୍ର): କରୋନାର ୨ୟ ଲହର ସାରା ଦେଶକୁ କବଳିତ କରିଥିବା ସମୟରେ କେନ୍ଦ୍ରର ମୋଦୀ ସରକାର ଲଗାତାର ଭାବେ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି କରିବାରେ ଲାଗିଛନ୍ତି । ଦେଶର କେତେକ ଅଂଚଳରେ ପେଟ୍ରୋଲ ଓ ଡିଜେଲର ଦର ଲିଟର ପ୍ରତି ୧୦୦ ଟଙ୍କା ପାର ହୋଇଛି । ଯାହାଦ୍ୱାରା ଘରୋଇ ସାମଗ୍ରୀ ଓ ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀର ଦର ଆକାଶଛୁଆଁରେ ପହଂଚିଛି । ଉଭୟ ପେଟ୍ରୋଲ ଓ ଡିଜେଲର ବର୍ଦ୍ଧିତ ଦରକୁ ପ୍ରତ୍ୟାହାର କରିବା ଦାବୀରେ ଚଳିତ ମାସ ଜୁନ ୧୧ ତାରିଖ ଶୁକ୍ରବାର ପ୍ରାତଃ ୭ ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ (ତାଲାବନ୍ଦ ସମୟ ମଧ୍ୟରେ) ରାଜ୍ୟର ସମସ୍ତ ସହରାଂଚଳ ଓ ଗ୍ରାମାଚଂଳର ପେଟ୍ରୋଲ ପମ୍ପ ଆଗରେ କଂଗ୍ରେସ ଦଳ ତରଫରୁ ସାଂକେତିକ ଭାବେ ଧାରଣା ଓ ବିକ୍ଷୋଭ କରିବ କଂଗ୍ରେସ । ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି । ଏହି ଅବସରରେ କୋଭିଡ-୧୯ର ସମସ୍ତ ନୀତିନିୟମକୁ ଅନୁପାଳନ କରି ବ୍ୟାନର, ପ୍ଲାକାର୍ଡ଼ରେ 'ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି, ଆର୍ଥିକ ମାନ୍ଦାବସ୍ଥା, ଉତ୍କଟ ବେକାରୀ ସମସ୍ୟା ବୃଦ୍ଧି, ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ଓ ମଜୁରୀ ଓ ରୋଜଗାର କମିବା ଉପରେ ସ୍ଲୋଗାନ ଲେଖି ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ବିଫଳତା ବିଷୟରେ ସୂଚାଇବାକୁ ବିଶେଷ ଅନୁରୋଧ କରିଛନ୍ତି ଶ୍ରୀ ପଟ୍ଟନାୟକ । ୧୧ ତାରିଖର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା, ବ୍ଲକ, ନଗର ସ୍ତରରେ ଅବିଳମ୍ବେ ଜିଲ୍ଲା କଂଗ୍ରେସ ସଭାପତି ମାନେ ପ୍ରସ୍ତୁତି ବୈଠକ ଡାକି ସମସ୍ତ କଂଗ୍ରେସ ନେତୃମଣ୍ଡଳୀ, ବିଧାୟକଗଣ ଓ ସାଂସଦ, ପ୍ରାକ୍ତନ ବିଧାୟକ ଓ ସାଂସଦ, ବିଧାୟକ ଓ ସାଂସଦ ପ୍ରାର୍ଥୀ, ଏଆଇସିସି ଓ ପିସିସି ସଦସ୍ୟ, ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ ଓ କର୍ମକର୍ତାଙ୍କୁ କାର୍ଯ୍ୟକ୍ରମରେ ସାମିଲ କରିବାକୁ ସେ ଅନୁରୋଧ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଗତ ୧୩ ମାସ ମଧ୍ୟରେ ପେଟ୍ରୋଲ ଲିଟର ପ୍ରତି ଦର ଟ.୨୫.୭୨ ପଇସା ଓ ଡିଜେଲ ଦର ଟ ୨୩.୯୩ ଟଙ୍କା କେନ୍ଦ୍ର ସରକାର ବଢ଼ାଇଥିଲା ବେଳେ ଏହି ବର୍ଷର ଗତ ୫ମାସ ମଧ୍ୟରେ ୪୩ ଥର ଦର ବୃଦ୍ଧି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ ।

# ତୃତୀୟ ଲହର ମୁକାବିଲା : କୋଭିଡ୍ ହସ୍ପିଟାଲରେ ସ୍ୱତନ୍ତ୍ର ଶିଶୁ ବିଭାଗ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୯/୬ (ନି.ପ୍ର): ସମ୍ଭାବ୍ୟ ତୃତୀୟ ଲହର ପାଇଁ ଆଗୁଆ ବ୍ୟବସ୍ଥା କରିବା ଲାଗି ସବୁ ଜିଲ୍ଲାପାଳ, ସିଡିଏମଓ ମାନଙ୍କୁ ଚିଠି ଲେଖିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର । ତୃତୀୟ ଲହରରେ ଛୋଟପିଲା ସଂକ୍ରମିତ ହେବା ସମ୍ଭାବନା ଥିବାରୁ ବର୍ତମାନ ଥିବା କୋଭିଡ୍ ହସ୍ପିଟାଲରେ ସ୍ୱତନ୍ତ୍ର ଶିଶୁ ବିଭାଗ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସବୁ ଜିଲ୍ଲା ଓ ଉପଖଣ୍ଡ ହସ୍ପିଟାଲରେ ୧୦ଟି ଆଇସୋଲେସନ ବେଡ୍ ରହିବ ବୋଲି ଚିଠିରେ କୁହାଯାଇଛି । ସେହିପରି ୭ଟି ମେଡିକାଲ କଲେଜରେ ୬୪ ଏନଆଇସିୟୁ ସହ ମୋଟ ୧୫୫ ବେଡ୍ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଇସିୟୁ ବ୍ୟବସ୍ଥା ଥିବା ସବୁ ସିସିସିରେ ୧୫% ବେଡ୍ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ରହିବ । ପର୍ଯ୍ୟାପ୍ତ ଔଷଧ, ଅକ୍ସିଜେନ ମହଜୁଦ ରଖିବାକୁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର କୋଭିଡ଼ ବ୍ଲକ ପ୍ରସ୍ତୁତ କରିବାକୁ କଟକ ଶିଶୁଭବନ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ୨୫୮ଟି ବିଦ୍ୟାଳୟରେ ଆଇବିଏମ୍ ଷ୍ଟେମ୍ ସୁବିଧାର ଶୁଭାରମ୍ଭ

ଭୁବନେଶ୍ୱର,୯/୬ (ନି.ପ୍ର): ରାଜ୍ୟରେ ୩୦ଟି ଜିଲ୍ଲାର ୨୫୮ଟି ବିଦ୍ୟାଳୟରେ ଆଇବିଏମ୍ ଷ୍ଟେମ୍ ସୁବିଧା ଆରମ୍ଭ କରାଯାଇଛି । ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଏହି ସୁବିଧାର ଶୁଭାରମ୍ଭ କରିଛନ୍ତି । ଏହି ସୁବିଧା ମାଧ୍ୟମରେ ବିଦ୍ୟାଳୟ ଛାତ୍ରୀମାନେ ଡିଜିଟାଲ୍ ସାକ୍ଷରତା ଅର୍ଜନ କରିବା ସହିତ ଜୀବନକୌଶଳ ତଥା ଭବିଷ୍ୟତ ଲକ୍ଷ୍ୟ ନିର୍ଦ୍ଧାରଣ କରିପାରିବେ । ଏହି ବିଦ୍ୟାଳୟଗୁଡ଼ିକ ଏକବିଂଶ ଶତାବ୍ଦୀର ଉପଯୋଗୀ ଦକ୍ଷତା ପ୍ରଶିକ୍ଷଣ କ୍ଷେତ୍ରରେ ରାଜ୍ୟର ଅନ୍ୟ ବିଦ୍ୟାଳୟଗୁଡ଼ିକ ପାଇଁ ରୋଲ୍ ମଡେଲ୍ ହେବେ । ରାଜ୍ୟ ଓ ଜିଲ୍ଲା ସ୍ତରରେ ଏଥିପାଇଁ ଆଇବିଏମ୍ ଏବଂ ଏହାର ସହଯୋଗୀ କ୍ୱେଷ୍ଟ ଆଲିଆନ୍ସ ତଥା ଅନ୍ୟମାନେ ମାଷ୍ଟର ଟ୍ରେନରମାନଙ୍କୁ ପ୍ରସ୍ତୁତ କରିବେ । ଏହା ଫଳରେ ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ସହିତ ଜାତୀୟ ଶିକ୍ଷାନୀତି ଅନୁସୃତ ରାଜ୍ୟ ପାଠ୍ୟକ୍ରମ ସହିତ ସମତୁଲ ଭାବରେ ଶିକ୍ଷାର୍ଥୀମାନଙ୍କ ଦକ୍ଷତା ବୃଦ୍ଧି ପାଇବ । ମନ୍ତ୍ରୀ ଶ୍ରୀ ଦାଶ ରାଜ୍ୟରେ ଶିକ୍ଷା ପ୍ରଦର୍ଶନ ଗ୍ରେଡିଂ ସୂଚକାଙ୍କରେ ଅଭିବୃଦ୍ଧି ଘଟିଥିବା ଦର୍ଶାଇ ସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ୨୦୧୮-୧୯ ଶିକ୍ଷାବର୍ଷରେ ଉପରୋକ୍ତ ସୂଚକାଙ୍କରେ ଓଡ଼ିଶାର ସ୍କୋର ୭୪୯ ଥିବାବେଳେ ତାହା ୨୦୧୯-୨୦ ଶିକ୍ଷାବର୍ଷରେ ୮୩୮କୁ ବୃଦ୍ଧି ପାଇଛି ଓ ରାଜ୍ୟର ମାନ୍ୟତାକୁ ସମୃଦ୍ଧ କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ଯୋଜନା ଅଧୀନରେ ଚାଲିଥିବା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଶଂସା କରିଥିଲେ ଏବଂ ଗୁଣାତ୍ମକ ଶିକ୍ଷାରେ ବୈପ୍ଳବିକ ପରିବର୍ତନ ଆଣିବା ଧାରାରେ ଏହି ସୁବିଧାକୁ ପରବର୍ତୀ ସମୟରେ ହଜାରଟି ହାଇସ୍କୁଲକୁ ସଂପ୍ରସାରିତ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ । ଆଜିର ଆଇବିଏମ୍ ଷ୍ଟେମ୍ ଶୁଭାରମ୍ଭ କାର୍ଯ୍ୟକ୍ରମ ପରେ ପରେ ଚାରିଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ତାଲିମ କାର୍ଯ୍ୟକ୍ରମରେ ୩୦ଟି ଯାକ ଜିଲ୍ଲାର ୫୧୬ ଜଣ ଶିକ୍ଷକ, ୨୫୮ ଜଣ ପ୍ରଧାନଶିକ୍ଷକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀବୃନ୍ଦ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କୁ ଭର୍ଚୁଆଲ ସୁବିଧା ପ୍ରଦାନ ନିମନ୍ତେ ଆବଶ୍ୟକୀୟ ଦକ୍ଷତା, ଏକବିଂଶ ଶତାବ୍ଦୀର ଶିକ୍ଷଣ ପାରଦର୍ଶିତା ଉପରେ ତାଲିମ ପ୍ରଦାନ କରାଯିବ । କୋଭିଡ୍ ସ୍ଥିତିରେ ଲକ୍‌ଡାଉନ୍ ପରିପ୍ରେକ୍ଷୀରେ ଶିକ୍ଷକମାନେ ଭର୍ଚୁଆଲ ମୋଡ୍ ରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରିବାର ବିଭିନ୍ନ ଯୋଜନା ବାବଦରେ ଏହି ତାଲିମରେ ଅବଗତ ହେବେ । ଏହା ବ୍ୟତୀତ ଅଧିକ ସଂଖ୍ୟାରେ ଛାତ୍ରୀମାନଙ୍କୁ ଷ୍ଟେମ୍ ମାଧ୍ୟମରେ କ୍ୟାରିୟର ପସନ୍ଦ ପାଇଁ ପଥ ପ୍ରଶସ୍ତ ହେବ । ମହାମାରୀ ସମୟରେ ଡିଜିଟାଲ ସାକ୍ଷରତା ଏବଂ ଆଧୁନିକ ଅନଲାଇନ୍ ଶିକ୍ଷଣର ଗୁରୁତ୍ୱ ରହିଥିବାବେଳେ ଶିକ୍ଷକମାନଙ୍କୁ ଏ ବାବଦରେ ଅଧିକ ସଶକ୍ତ କରାଯାଇପାରିବ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ସଂଯୋଜକ ଭୂପେନ୍ଦ୍ର ସିଂ ପୁନିଆ, ଆଇବିଏମ୍ ଭାରତ ଓ ଦକ୍ଷିଣ ଏସିଆର ସିଏସ୍ଆର ମୁଖ୍ୟ ଶମନୋଜ ବାଳଚନ୍ଦ୍ରନ୍ ତଥା ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ୨/୩ ଦିନ ମଧ୍ୟରେ ଓଡିଶା ଛୁଇଁବ ମୌସୁମୀ: ୧୪ ତାରିଖ ଯାଏଁ ପ୍ରବଳ ବର୍ଷିବ



ଭୁବନେଶ୍ୱର,୯/୬ (ନି.ପ୍ର): ଉତର ବଙ୍ଗୋପସାଗରରେ ଏବଂ ତତସଂଲଗ୍ନ ଅଂଚଳରେ ଆସନ୍ତା ୧୧ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି । ଏଥିସହ ଦକ୍ଷିଣ-ପଶ୍ଚିମ ମୌସୁମୀ ଆସନ୍ତା ୨-୩ ଦିନ ମଧରେ ଓଡିଶାର କିଛି ଅଂଶକୁ ଛୁଇଁପାରେ । ଏହାର ପ୍ରଭାବରେ ଆସନ୍ତା ୧୦ ତାରିଖରୁ ୧୪ ତାରିଖ ମଧ୍ୟର ରାଜ୍ୟ କିଛି ଭାଗରେ ବର୍ଷା , କିଛି ସ୍ଥାନରେ ପ୍ରବଳରୁ ଅତି ପବଳ ବର୍ଷା ହେବାର ସମ୍ଭାବନା ରହିଛି ।ଆସନ୍ତା ଦୁଇ ଦିନ ମଧରେ କେତେକ ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ବଜ୍ରପାତ ହେବା ସମୟରେ ଲୋକମାନେ ସୁରକ୍ଷିତ ସ୍ଥାନରେ ରହିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି । ଏଥିସହ ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ୧୦ ତାରିଖ ସୁଦ୍ଧା କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ଆଗାମୀ ୨୪ ଘଂଟା ମଧରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବୌଦ୍ଧ, ଢ଼େଙ୍କାନାଳ, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ରହିଛି । ଏହି ସମୟରେ ୪୦ରୁ ୫୦ କିମି ବେଗରେ ପବନ ବୋହିପାରେ । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୯ରୁ ୧୦ ତାରିଖ ମଧ୍ୟରେ କେନ୍ଦୁଝର , ମୟୁରଭଂଜ , ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର, କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ସହ ବାଲେଶ୍ୱର , ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୁଳ, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲାରେ ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ଘରୋଇ ହସ୍ପିଟାଲ ମାନୁନାହାନ୍ତି ଟିକାକରଣ ନିର୍ଦ୍ଦେଶାବଳୀ

## ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍‌କୁ ନିୟମିତ ଘରୋଇ ହସ୍ପିଟାଲ ପରିଦର୍ଶନ ନିର୍ଦ୍ଦେଶ




ଭୁବନେଶ୍ୱର,୯/୬ (ନି.ପ୍ର): ଟିକାକରଣ ନିର୍ଦ୍ଦେଶାବଳୀକୁ ମାନୁନାହାନ୍ତି ଘରୋଇ ହସ୍ପିଟାଲ । ଟିକାର ଦର ଠିକ୍ ଭାବେ ଉଲ୍ଲେଖ କରୁନାହାନ୍ତି କିମ୍ବା ଉଲ୍ଲେଖ କଲେ ମଧ ଲୋକଙ୍କଠାରୁ ଭିତିରିଆ ଅନ୍ୟ ଦର ନେଉଛନ୍ତି । ଟିକାକରଣରେ ଘରୋଇ ହସ୍ପିଟାଲମାନେ ସ୍ୱଚ୍ଛତା ଅବଲମ୍ବନ କରିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛନ୍ତି । ଏହା ସତ୍ତ୍ୱେ ଏହାକୁ ଠିକ୍ ଭାବେ ପାଳନ କରାଯାଉ ନଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଦୃଷ୍ଟିଗୋଚର ହୋଇଛି । ତେଣୁ ରାଜ୍ୟରେ ଟିକାକରଣ କରୁଥିବା ଘରୋଇ ହସ୍ପିଟାଲଗୁଡ଼ିକ ନିୟମିତ ବ୍ୟବଧାନରେ ପରିଦର୍ଶନ କରିବା ଲାଗି ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱର ଓ କଟକର ନଗର ନିଗମ କମିସନରଙ୍କୁ ଚିଠି ଜାରି ହୋଇଛି । ରାଜ୍ୟରେ ଏବେ ଘରୋଇ ହସ୍ପିଟଲ ଭାବେ ଭୁବନେଶ୍ୱରରେ ଆପୋଲୋ ହସ୍ପିଟାଲ ଓ କଟକରେ ଏଚ୍‌ସିଜି ପଣ୍ଡା କର୍କଟ ହସ୍ପିଟାଲ ଟିକାକରଣ କରୁଛନ୍ତି । ସେମାନେ ସିଧାସଳଖ ଟିକା ଉତ୍ପାଦନକାରୀ କମ୍ପାନିରୁ ଟିକା କିଣି ଟିକାକରଣ କରୁଛନ୍ତି । ଆଗକୁ ଆହୁରି ଘରୋଇ ହସ୍ପିଟାଲ ଟିକାକରଣରେ ସାମିଲ ହେବାର ସମ୍ଭାବନା ରହିଛି । ତେଣୁ ଟିକାକରଣ କରୁଥିବା ଘରୋଇ ହସ୍ପିଟାଲମାନେ ଟିକାର ଦରକୁ ଘୋଷଣା କରିବା ସହ ଟିକାକରଣ କ୍ୟାଲେଣ୍ଡର ସଂପର୍କରେ ସୂଚନା ଦେବାକୁ ଆଗେଇ ଆସିବା ଲାଗି ବିଭାଗ ପକ୍ଷରୁ କୁହାଯାଇଛି ।

# ଶିକ୍ଷା ବିକାଶ ସମିତି, ଓଡ଼ିଶାର ସାମୁହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ସମାପିତ



ଭୁବନେଶ୍ୱର,୯/୬ (ନି.ପ୍ର): ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ଗତ ଜୁନ୍ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ସାମୁହିକ ଆଚାର୍ଯ୍ୟ ବିକାଶ ବର୍ଗ ସମାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ଅଧ୍ୟକ୍ଷ ତଥା ବିଦ୍ୟାଭାରତୀଙ୍କ ମନ୍ତ୍ରୀ ଡଃ. କିଶୋରଚନ୍ଦ୍ର ମହାନ୍ତି ଯୋଗଦେଇ କହିଥିଲେ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ଆସନ୍ତା ପୀଢ଼ିର ଯୁବକ ନିର୍ମାଣର ସଂକଳ୍ପ ନେଇଛନ୍ତି, ଯେଉଁମାନେ କି ସମାଜରୁ ଅନ୍ୟାୟ ଅନୀତି, କୁସଂସ୍କାର, ଶୋଷଣକୁ ଦୂର କରି ଏକ ସମରସ, ସୁସମ୍ପନ୍ନ, ସୁସଂସ୍କାର, ଆତ୍ମନିର୍ଭର ସମାଜ ନିର୍ମାଣ ପାଇଁ ସମର୍ଥ ହେବେ । ଭାଷାବାଦ, ଜାତିବାଦ, ସମ୍ପ୍ରଦାୟବାଦଠୁ ଉର୍ଦ୍ଧ୍ୱରେ ରହି ରାଷ୍ଟ୍ରବାଦର ମହାମନ୍ତ୍ରରେ ଦୀକ୍ଷିତ ହେବେ । ଶ୍ରୀଗୁରୁଜୀ, ଗାନ୍ଧିଜୀ, ସ୍ୱାମୀ ବିବେକାନନ୍ଦ, ଦୟାନନ୍ଦ, ଦୀନଦୟାଲ ଆଦି ସାମାଜିକ ସମରସତାର ବାର୍ତ୍ତା ଦେଇ ଯାଇଛନ୍ତି । ବସୁଧୈବ କୁଟୁମ୍ବକମ୍ ଆମର ଧେୟ । ସାମାଜିକ ସମରସତା ନବ ଭାରତ ଗଠନର ଚାବିକାଠି, ଆଜି ସରସ୍ୱତୀ ଶିଶୁ ମନ୍ଦିର ସାମାଜିକ ଚେତନାର କେନ୍ଦ୍ରବିନ୍ଦୁ ଭାବେ ସେହି କାର୍ଯ୍ୟ କରିଚାଲିଛି । ଦୀର୍ଘ ଏକ ସପ୍ତାହ ବ୍ୟାପୀ ଚାଲିଥିବା ପ୍ରଶିକ୍ଷଣରେ ନୂତନ ଶିକ୍ଷାନୀତି, ଇ-କଣ୍ଟେଟ, ଶୈକ୍ଷିକ ବିକାଶ ଓ ବୈଚାରିକ ଅଧିଷ୍ଠାନ ଉପରେ ଗୁରୁଜୀ ଗୁରୁମାମାନେ ପ୍ରଶିକ୍ଷଣ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟା ଭାରତୀଙ୍କ ସହ ସଂଗଠନ ମନ୍ତ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ଅଧ୍ୟକ୍ଷ ଡା. ଲକ୍ଷ୍ମୀକାନ୍ତ ମହାରଣା, ମନ୍ତ୍ରୀ ଡଃ. ସରୋଜକୁମାର ହାତୀ, ସଦସ୍ୟ ବିଜୟଗଣେଶ କୁଲକର୍ଣ୍ଣୀ, ସଂଗଠନ ମନ୍ତ୍ରୀ ଦିବାକର ଘୋଷ, ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଂଗଠନ ମନ୍ତ୍ରୀ, ରମାକାନ୍ତ ମହାନ୍ତେ, ସମ୍ପାଦକ କମଳାକାନ୍ତ ମିଶ୍ର, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାସ, ଡଃ. ତରୁଲତା ଦେବୀ, ଖଗେଶ୍ୱର ଦାଶ, ଦୁର୍ଲଭଚରଣ ବେହେରା, କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ, ଉପସଭାପତି ଗାୟତ୍ରୀ ବାହିନୀପତି, ସମସ୍ତ ସମ୍ଭାଗ କାର୍ଯ୍ୟକର୍ତ୍ତା, ବିଭାଗ ପ୍ରମୁଖ, ସଂକୁଳ ପ୍ରମୁଖ, ସଂକୁଳ ସଂଯୋଜକ, ପ୍ରଧାନାଚାର୍ଯ୍ୟ, ଆଚାର୍ଯ୍ୟ ଆଚାର୍ଯ୍ୟା ଓ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।

# ରାଜ୍ୟରେ ଦୈନିକ ଟିକାକରଣ ୩ ଲକ୍ଷକୁ ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର,୯/୬ (ନି.ପ୍ର): କରୋନା ଭାଇରସ ମହାମାରୀକୁ ପ୍ରତିହତ କରିବା ଲାଗି ରାଜ୍ୟ ସରକାର ଟିକାକରଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟରେ ଦୈନିକ ଟିକାକରଣ ୩ ଲକ୍ଷରୁ ଆହୁରି ଅଧିକ ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି । କମ ସଂକ୍ରମଣ ଥିବା ଜିଲ୍ଲାରେ ଅନ୍‌ଲକ୍ ପ୍ରକ୍ରିୟା ନେଇ ବିଚାର ଚାଲିଛି । ସଂକ୍ରମଣ ଅଧିକ ଥିବା ଜିଲ୍ଲା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ କହିଛନ୍ତି, ୨ୟ ଲହର ପ୍ରଭାବରୁ ଏଯାଏଁ ଆମେ ସଂପୂର୍ଣ୍ଣ ମୁକ୍ତ ହୋଇନାହୁଁ । ଆଗକୁ ବିଭିନ୍ନ ପର୍ବପର୍ବାଣୀ ଆସୁଥିବାରୁ କରୋନା ନେଇ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ । ଏହି ଅବସରରେ ବ୍ଲାକ ଫଙ୍ଗସ ନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ କରୋନା ପୀଡିତମାନଙ୍କୁ ଅକ୍ସିଜେନ ଯୋଗାଣ ସନ୍ତୋଷଜନକ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଶିକ୍ଷକସମାଜ ପକ୍ଷରୁ ଶୋକ

ବାରିପଦା,୦୯/୦୬(ନି.ପ୍ର): ବାଙ୍ଗିରିପୋଷି ବ୍ଲକ ପଥୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସରକାରୀ ଶିକ୍ଷୟିତ୍ରୀ ବନିତା ସେଠୀ, ମୋରଡ଼ା ବ୍ଲକ୍‌ରେ କାର୍ଯ୍ୟରତ ସିଆରସିସି ଅଶୋକ କୁମାର ଧଳ, ବାଙ୍ଗିରିପୋଷି ବ୍ଲକ୍ କଳାବାଡ଼ିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ଜଗନ୍ନାଥଖୁଣ୍ଟା ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ମୁନୁମୁର୍ମୁଙ୍କ ପରଲୋକରେ ଶିକ୍ଷକ ସମାଜ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଶିକ୍ଷକ ସମାଜର ସଭାପତି ଡ଼. ସରୋଜକୁମାର ନାୟକ, ପୃଷ୍ଠପୋଷକ ସଦସ୍ୟ ଅମିତାଭମିଶ୍ର, ସଦସ୍ୟଶିକ୍ଷକ ଜୟକୃଷ୍ଣ ନାୟକ, ବୁଦ୍ଧିରାମ ସିଂ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଏହି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ନିଷ୍ଠାପର କାର୍ଯ୍ୟ, ସମୟାନୁବର୍ତ୍ତିତା, ଗୁଣାତ୍ମକ ଶିକ୍ଷାଦାନ ଆଗାମୀ ଦିନରେ ସମସ୍ତଙ୍କ ପାଇଁ ଆଦର୍ଶ ହୋଇ ରହିବ ବୋଲି ମତପ୍ରକାଶ କରିଛନ୍ତି । ଶିକ୍ଷକ ସମାଜ ପାଇଁ ଘଟଣା ସମୂହ ଅପୂରଣୀୟ କ୍ଷତି ବୋଲି ସଭାପତି ଡ଼. ନାୟକ ପ୍ରକାଶ କରିଛନ୍ତି ।

## କୋଭିଡ଼ ପରିଚାଳନା ପାଇଁ ବିଏମସିକୁ ଆଉ ୨୦ କୋଟି ଟଙ୍କା ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୯/୦୬ (ନି.ପ୍ର): ଭୁବନେଶ୍ୱର ରେ କୋଭିଡ଼ ମହାମାରୀର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ,ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆଉ କୋଡ଼ିଏ କୋଟି ଟଙ୍କା ମଂଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ କୁ ୭୭କୋଟି ଟଙ୍କା ଦିଆଯାଇଛି। ଭୁବନେଶ୍ୱର ରେ ରାଜ୍ୟର ସର୍ବାଧିକ କୋଭିଡ଼ ହସ୍ପିଟାଲ ରହିଛି ଏବଂ ଚିକିତ୍ସିତ ରୋଗୀଙ୍କ ସଂଖ୍ୟା ମଧ୍ୟ ଏଠାରେ ସର୍ବାଧିକ। ଚିକିତ୍ସା ପାଇଁ ରାଜ୍ୟର ବିଭିନ୍ନ ଅଂଚଳରୁ କୋଭିଡ଼ ରୋଗୀ ଭୁବନେଶ୍ୱରକୁ ଆସିଥାନ୍ତି। ତେଣୁ ଭୁବନେଶ୍ୱରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅର୍ଥ ମଂଜୁର କରାଯାଇଛି ।

## ହୋଟେଲ କର୍ମଚାରୀଙ୍କ ପାଇଁ ବିଏମସିର ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା

ଭୁବନେଶ୍ୱର,୦୯/୦୬ (ନି.ପ୍ର): ବିଏମସି ପକ୍ଷରୁ ଆରମ୍ଭ ହୋଇଛି ହୋଟେଲ କର୍ମଚାରୀଙ୍କ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମ। ହୋଟେଲ ଆଣ୍ଡ ରେଷ୍ଟୁରାଂଟ ଆସୋସିଏସନ ଅଫ ଓଡିଶା ପକ୍ଷରୁ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ସେହି ତାଲିକା ଅନୁଯାୟୀ ୭ମ ବାଟାଲିଆନ ହାଇସ୍କୁଲରେ ବୁଧବାର ଦିନ ଟିକାକରଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫ଶହ କର୍ମଚାରୀଙ୍କର ଟିକାକରଣ କରାଯିବ। ବିନା ସ୍ଲଟ ବୁକିଂରେ ସ୍ୱତନ୍ତ୍ର ସେସନ ଜରିଆରେ ଟୀକାକରଣ କରାଯାଉଥିବା ବିଏମସି ପକ୍ଷରୁ ସୂଚନା ଦିଆଯାଇଛି।

# ଯକ୍ଷ୍ମା ମୁକ୍ତ ଭାରତବର୍ଷର ସଂକଳ୍ପ କାର୍ଯ୍ୟକାରୀ ହେଉନି ମୟୂରଭଞ୍ଜ ଜିଲ୍ଲାରେ

### - ଯକ୍ଷ୍ମା ପରୀକ୍ଷା ପାଇଁ ଦୀର୍ଘଦିନ ଧରି ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଳୁନି ଟେଷ୍ଟିଂ କିଟ
### - ବେତନଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘଦିନ ଧରି ଟେଷ୍ଟିଂ ମେସିନ ଅଚଳ



ବାରିପଦା,୦୯/୦୬ (ନି.ପ୍ର): ଯକ୍ଷ୍ମା ଭଳି ଏକ ମାରାତ୍ମକ ରୋଗର ଶିକାର ହୋଇ ଭାରତ ବର୍ଷରେ ବହୁ ଲୋକ ପ୍ରାଣ ହରାଉଥିଲେ । ଏହାକୁ ଦୃଷ୍ଟିରେ ରଖି ସରକାର ଯକ୍ଷ୍ମା ମୁକ୍ତ ଭାରତବର୍ଷର ପରିକଳ୍ପନା କରି ସ୍ୱତନ୍ତ୍ର ଅଭିଯାନ ଚଳାଇ ଅସୁଛନ୍ତି । ବିଶେଷ କରି ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଯକ୍ଷ୍ମାର ହାର ଅଧିକ ରହିବା ସ୍ୱାଭାବିକ । କାରଣ ଏଠାକାର ଲୋକମାନେ ସ୍ୱାସ୍ଥ୍ୟ ବିଷୟରେ ସେତେବେଶୀ ବର୍ତ୍ତମାନ ସୁଦ୍ଧା ସଚେତନ ହୋଇ ପାରି ନଥିବାର ଦେଖାଯାଇଛି । ଏଠାକାର ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବିଶେଷ କରି ଡାକ୍ତରୀ ପରୀକ୍ଷାକୁ ପଛରେ ପକାଉ ଯେତେ ମାରାତ୍ମକ ରୋଗ ହେଲେ ମଧ୍ୟ ସଚେତନତା ଅଭାବରୁ ପ୍ରଥମେ ଗୁଣିଗାରେଡି ଚିକିତ୍ସା କରାଇଥାନ୍ତି । ତେବେ ଯକ୍ଷ୍ମା ମୁକ୍ତ ଭାରତବର୍ଷର ସଂକଳ୍ପକୁ ତତ୍ପରତାର ସହିତ ସଠିକ ଭାବରେ କାର୍ଯ୍ୟକାରୀ ହୋଇପାରୁନି ମୟୂରଭଞ୍ଜ ଜିଲ୍ଲାରେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟ ବାରିପଦା କିମ୍ବା ପିଆରଏମ ମେଡିକାଲ କଲେଜ ରେ ଟିବି ପରୀକ୍ଷା ପାଇଁ ଟେଷ୍ଟିଂ କିଟ ଦୀର୍ଘଦିନ ଧରି ନଥିବାରୁ ଏବେ ଯକ୍ଷ୍ମା ପରୀକ୍ଷା ପାଇଁ ବାରିପଦାକୁ ଆସୁଥିବା ରୋଗୀ ମାନେ ବିଜାତୋଳା, କୋଷ୍ଟା, ରାଇରଙ୍ଗପୁର, ଯଶିପୁର, ବେତନଟୀ , କପ୍ତିପଦା କୁ ଡାକ୍ତର ରେଫର କରିଦେଉଛନ୍ତି । ତେବେ ବେତନଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଟିବି ଟେଷ୍ଟିଂ ମେସିନଟି ଦୀର୍ଘଦିନ ଧରି ଖରାପ ଥିବାରୁ ଲୋକେ ହଇରାଣ ହୋଇ ସେଠାରୁ ମଧ୍ୟ ନିରାଶ ହୋଇ ଫେରୁଛନ୍ତି । ଜିଲ୍ଲା ଅଫିସକୁ ବାରମ୍ବାର ରିପର୍ଟିଂ କରିଥିଲେ ମଧ୍ୟ ମେସିନ ସଜ ହୋଇପାରୁନି କି ପରୀକ୍ଷା ହୋଇ ପାରୁନି ବୋଲି କହିଛନ୍ତି ବେତନଟି ସ୍ୱାସ୍ଥ୍ୟ କେନ୍ଦ୍ର ର ଦାୟୀତ୍ୱରେ ଥିବା ଜଣେ କର୍ମଚାରୀ । ବର୍ତ୍ତମାନ କରୋନା କଟକଣା ଜନିତ ଲକଡାଉନ ଥିବାରୁ ଗାଡିମଟର ଚାଲୁ ନଥିବାରୁ ଅନେକ ରୋଗୀ ଟେଷ୍ଟ କରି ନପାରି ଚିକିତ୍ସା ମଧ୍ୟ ହୋଇ ପାରୁ ନାହାନ୍ତି । ତେବେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ସରଳ ନିରିହ ସଚେତନତାର ଅଭାବରୁ ଗୁରୁତର ହୋଇଥିବା ଯକ୍ଷ୍ମା ରୋଗୀ ମାନେ ଏବେ ନିରାଶ ହୋଇ ପରୀକ୍ଷା ଅଭାବରୁ ଚିକିତ୍ସା ହୋଇ ନପାରିବା ଭଳି ଅବାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାରେ । ତେବେ ସରକାର ଯକ୍ଷ୍ମା ନିୟନ୍ତ୍ରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଭଳି ଅବ୍ୟବସ୍ଥା କୁନେଇ ବୁଦ୍ଧିଜିବୀ ମାନେ ପ୍ରଶ୍ନ ଉଠାଇଛନ୍ତି । ଏବାବଦରେ ଜିଲ୍ଲା ଟିବି ଅଫିସର ନୁରୁଲ ହୁସେନ ଖାନ କୁ ପଚାରିବାରୁ ସେ ଟିନବି ଟେଷ୍ଟିଂ ପାଇଁ ସପ୍ଲାଇ ହେଉଥିବା କିଟ ସର୍ବାରତୀୟ ସ୍ତର ରେ ହେଉଥିବାରୁ ଏବେ କିଟ ଆସି ପାରି ନଥିବାରୁ ପରୀକ୍ଷା ବାଧାପ୍ରାପ୍ତ ହୋଇଛି । ଏବଂ ବେତନଟିରେ ମେସିନ ଖୁବଶୀଘ୍ର ମରାମତି ହୋଇଯିବ ଏବଂ ବର୍ତ୍ତମାନ ମେଡିକାଲ କଲେଜ ଏବେ ପରୀକ୍ଷା କଥା ବୁଝୁଥିବାର ନିଜ ପ୍ରତିକ୍ରିୟାରେ କହିଛନ୍ତି । ତେବେ ମେଡିକାଲ କଲେଜ ସୁପରିନଟେଣ୍ଡେଟ କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ । ତେବେ ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ପିଆରଏମ ମେଡିକାଲ କଲେଜ ସ୍ଥାପନ କରାଯାଇ ଥିବା ବେଳେ ଏହିଭଳି ଭାବରେ ବହୁ ଅବ୍ୟବସ୍ଥା ଥିବାର ଲକ୍ଷ୍ୟ କରାଯାଇଛି । ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜିବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ନଦୀବୁଡ଼ି ଘଟଣାରେ ଅଗ୍ନିଶମ ବିଭାଗ ଫେରିଲା ଖାଲି ହାତରେ



ଜଳେଶ୍ୱର,୦୯/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ସ୍ଥିତ ସାନରାଉତପଡା ଠାରେ ସୁବର୍ଣ୍ଣରେଖା ନଦୀରେ ଜଣେ ବୃଦ୍ଧ ବୁଡିଯାଇଥିବା ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ବିଭାଗ ପକ୍ଷରୁ ଖୋଜିବା କାର୍ଯ୍ୟ ଆରମ୍ଭ ହୋଇଥିଲା । ନଦୀବନ୍ଧ ରାସ୍ତାରେ ଯାଉଥିବା ଲୋକମାନେ ଲୋକଟିର ବୁଡିଯାଉଥିବା ଖବର ସମସ୍ତଙ୍କୁ କହିଥିଲେ । ବୃଦ୍ଧଟି ଗୋଟିଏ ହାତରେ ଜୋତା ଟେକିଧରି ଅଣ୍ଟ ଗଭୀର ନଦୀପାଣି ମଧ୍ୟରେ ଚାଲି ଚାଲି ଆସୁଥିବା ନଦୀ ସ୍ରୋତରେ ତାର ଗୋଡ ଖସିଯାଇଥିବା ଅନୁମାନ କରାଯାଉଛି । ଖବର ପ୍ରଚାରିତ ହେବାପରେ ନଦୀର ଓପରପଟରେ କାଦରାୟାଁର ଶହ ଶହ ଲୋକ ରୁଣ୍ଡ ହୋଇଥିଲେ ମଧ୍ୟ ବୃଦ୍ଧ ସଂପର୍କରେ କେହି ସୂଚନା ଦେଇପାରିନଥିଲେ । ଅନ୍ୟପକ୍ଷରେ ଜଳେଶ୍ୱରରୁ ଯାଇଥିବା ଅଗ୍ନିଶମ ବିଭାଗର ବୋଟରେ ଯାନ୍ତ୍ରୀକ ତୃଟି ହେବାକୁ ୫ ଘଣ୍ଟା ବିଳମ୍ବରେ ଅନ୍ୟ ଏକ ବୋଟ ବସ୍ତାରୁ ଆସି ନଦୀ ଗର୍ଭରେ ଖୋଜାଖୋଜି ଆରମ୍ଭ କରିଥିଲେ । ପ୍ରାୟ ୪ କି.ମି ଦୂର ଉତ୍ତରପଡା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ । ସୂଚନାଯୋଗ୍ୟ ନଦୀଗର୍ଭରୁ ଜେସିବି ଦ୍ୱାରା ବାଲି ଉତ୍ତୋଳନ କରାଯାଉଥିବାରୁ ବହୁସ୍ଥାନରେ ଚୋରାବାଲି ସୃଷ୍ଟି ହୋଇଥାଏ । ତେଣୁ ଏପରି ଘଟଣା ଘଟିଥିବାର ସ୍ଥାନୀୟ ଗ୍ରାମବାସୀମାନେ ଅନୁମାନ କରୁଛନ୍ତି ।

## କୋଭିଡ ପରିଚାଳନାରେ ଆଶାକର୍ମୀଙ୍କ ସାମାଜିକ ସୁରକ୍ଷା ଦାବି

ବାଲେଶ୍ୱର,୦୯/୦୬ (ନି.ପ୍ର): କୋଭିଡ ପରିଚାଳନାରେ ବିପଦପୂର୍ଣ୍ଣ ସ୍ଥିତି ମଧ୍ୟରେ କାର୍ଯ୍ୟ ଜାରି ରଖିଥିବା ଆଶାକର୍ମୀଙ୍କ ସାମାଜିକ ସୁରକ୍ଷା ପ୍ରଦାନ ଦାବିରେ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଗଠନର ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତ ସହ ସମ୍ପ୍ରତି କୋଭିଡ ଡ୍ୟୁଟି ବେଳେ ସେମାନେ ସାମ୍ନା କରୁଥିବା ବିଭନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଅବଗତ କରିଛନ୍ତି। ସମସ୍ତ ଆଶାକର୍ମୀଙ୍କୁ କୋଭିଡ ଯୋଦ୍ଧା ଘୋଷଣା କରିବା, କୋଭିଡ ଯୋଦ୍ଧାଙ୍କ ମୃତ୍ୟୁରେ ଉଦ୍ଦିଷ୍ଟ ୫୦ ଲକ୍ଷ ଟଙ୍କାର ବୀମା ସହାୟତା ରାଶି ପ୍ରଦାନ କରିବା, କୋଭିଡ କାର୍ଯ୍ୟ ସମୟରେ ମାସିକ ପ୍ରୋତ୍ସାହନ ରାଶି ୫ହଜାର ଟଙ୍କା ପ୍ରଦାନ କରିବା, ସମସ୍ତ ଆଶାକର୍ମୀଙ୍କୁ ଉନ୍ନତମାନର ମୋବାଇଲ ଫୋନ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ସଂଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବି ଦାବି ସମ୍ବଳିତ ସ୍ମାରକପତ୍ର ବାଲେଶ୍ୱର ସିଡିଏମଓଙ୍କୁ ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ସଂଗଠନର ସଭାନେତ୍ରୀ ଶକୁନ୍ତଳା ଗୋଚ୍ଛାୟତ ଓ ସମ୍ପାଦିକା କଳ୍ପଲତା ଦାସଙ୍କ ସମେତ ବହୁ ଆଶାକର୍ମୀ ଉପସ୍ଥିତ ଥିଲେ।

## ଭଦ୍ରକ ଜିଲ୍ଲାରୁ ଆଉ ୨୬୨ ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୦୯/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୨୬୨ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହା ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୮ ହଜାର ୮୫୫। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇ ସାରିଛନ୍ତି ୧୬ ହଜାର ୨୮୩। ଏବେ ସକ୍ରିୟ ଅଛନ୍ତି ୨୫୩୮ଜଣ। ନୂତନ ଚିହ୍ନଟଙ୍କ ମଧ୍ୟରେ ବନ୍ତ ବ୍ଲକର ନରିପୁର, ବନ୍ତ, କାଦବରାଙ୍ଗ, ନିଳୋକ, ପାରାବନ୍ଧ, କୁଣ୍ଡଳା, କ୍ଷେତ୍ରତୀରା ଗ୍ରାମରୁ ମୋଟ ୩୮ଜଣ, ଚାନ୍ଦବାଲି ବ୍ଲକର ଗୋପାଳପୁର, ବାଜରାପୁର, ଭାଟପଡା, ଧାମରା, ଦୋସିଙ୍ଗା, ବଳଭଦ୍ରପ୍ରସାଦ, ମତୋ, ମଉସୁଧା, ଓରାସାହି, ମାଣିପୁର, କରଣପଲ୍ଲୀ, ଗୁଆଁଶାଳ, ଖଦାଳପୋଖରୀ, ଖେରଙ୍ଗ ଗ୍ରାମରୁ ମୋଟ ୨୮ଜଣ, ଧାମନଗର ବ୍ଲକର ଦକ୍ଷିଣବାଡ, ଦଳାଙ୍ଗ, ଧୁଷୁରୀ, ଶୋଧ, ପତ୍ରିବିନ୍ଧା, ହସନାବାଦ, କଲ୍ୟାଣୀ, କାସିମପୁର, ଖପରପଦା, ଖଡିପଦା, ଷୋହଡା, କୋଠାର, କରଦା, ନଦୀଗାଁ ପ୍ରଭୃତି ଗ୍ରାମରୁ ୩୮ଜଣ ଚିହ୍ନଟ ହୋଇଛନ୍ତି। ଭଦ୍ରକ ପୌରପାଳିକାର କୁଆଁସ, ଚନ୍ଦନବଜାର, କଦମବେଢା, ଉତ୍ତରବାହିନୀ, ଗବସାହି, ବାଇପାସ, ବାଗୁରାଇ, ନୂଆବଜାର, ଜଗନ୍ନାଥପୁର ଗ୍ରାମରୁ ମୋଟ ୧୪ଜଣ, ବାସୁଦେବପୁର ପୌରପାଳିକାର ୱାର୍ଡ ନଂ ୧୧, ୮, ୧୯, ୧୪, ୨୨, ୧୦, ୯, ୧୬ରୁ ମୋଟ ୧୦ ଜଣ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ବ୍ଲକର ଅଡୁଆଁ, ନାଇକାଣିଡିହି, ବେତଡା, ଆନ୍ଦୋଳା, ଅରଣ୍ଡୁଆ, ଭଗାପୁର, ବାଲିମୁଣ୍ଡା, ବରଣ୍ଡୁଆ, ଗଦି, ବିନାୟକପୁର, ଚୁଡାମଣି, ପାଟଣାମିଶ୍ରପୁର, ଗୁଆଗଡ଼ିଆ, ଜଗନ୍ନାଥପୁର, କୃଷ୍ଣପୁର, କୁମାରପୁର, ନୂଆଗାଁ, ପଦୁଆଁ, ସାନକୃଷ୍ଣପୁର ଗ୍ରାମରୁ ୪୦ଜଣ, ଭଣ୍ଡାରିପୋଖରୀ ବ୍ଲକର ଭଗବାନପୁର, ନମକଣା, ଷୋଳମପୁର, ନପଙ୍ଗ, ଦେଓପଡା, ରଞ୍ଜିତ, ନରେଶପୁର ଗ୍ରାମରୁ ୧୨ ଜଣ, ଭଦ୍ରକ ବ୍ଲକର ଆମ୍ବରୋଳି, ଏରେଇଁ, ସାମରାଇପୁର, ଗେଲଟୁଆ, ଗୁଜିଦରଡା, ଖଣ୍ଡତଡା, କୋରକୋରା, ଓଲଙ୍ଗ, ରାନ୍ଧିଆ, ଆର.ଏନ. ବେତରା, ସାବରଙ୍ଗ, କେଦାରପୁର ଚରମ୍ପାରୁ ମୋଟ ୨୮ ଜର, ତିହିଡ଼ି ବ୍ଲକର ଚାରିବୃତ୍ତି, ଭାଟପଡା, ବୋଡକ, ରାଣିପୁର, ସିନ୍ଦୋଳ, ଅଚକ, ବାରୋ, ଦୋଳସାହି, ଶ୍ୟାମସୁନ୍ଦରପୁର, ନାଥପଡା ଓ ଗୋପସାହିରୁ ମୋଟ ୩୨ ଜଣ, ଚାନ୍ଦବାଲି ଏନ୍‌ଏସିରୁ ୩ଜଣ, ଅନ୍ୟ ଜିଲ୍ଲାର ୩ଜଣ ଏବଂ ଭଦ୍ରକ ଜିଲ୍ଲାର ୧୬ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି।

# ବାତ୍ୟା ୟାସର ଆକଳନ କରିଲେ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ



ବାରିପଦା,୦୯/୦୬ (ନି.ପ୍ର): ୟାସ ବାତ୍ୟାର ଦୀର୍ଘ ୧୦ଦିନ ପରେ କ୍ଷୟକ୍ଷତି ଆକଳନ କରିବାକୁ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିଛନ୍ତି କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ । ଏହି ଟିମ୍ କେନ୍ଦ୍ର ଗୃହ ବିଭାଗର ତଥା ଜଳ ଉତ୍ସ ବିଭାଗର ସଚିବ ସୁନିଲ ବର୍ଣ୍ଣୱାଲ ଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାକୁ ବାଲେଶ୍ୱରରୁ ସଡ଼କ ଯୋଗେ ସକାଳ ୧୦ଟା ବାରିପଦାର ପ୍ରଦକ୍ଷଣ କକ୍ଷରେ ପହଞ୍ଚିଥିଲେ । ସର୍କିଟ ହାଉସରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ଓ ଜିଲ୍ଲା ବିଦ୍ୟୁତ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଜଳ ଯୋଗାଣ ବିଭାଗ, କୃଷି ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କ ସହିତ ବାତ୍ୟା ୟାସ ସମ୍ପର୍କିତ କ୍ଷୟକ୍ଷତିର ଆକଳନ ପାଇଁ ଏକ ଉଚ୍ଚ ସ୍ତରୀୟ ବୈଠକ କରିଥିଲେ । ବୈଠକ ପରବର୍ତ୍ତୀ ସମୟରେ ଜିଲ୍ଲାର ଅଧିକ କ୍ଷୟକ୍ଷତି ହୋଇଥିବା ବ୍ଲକ ଗୋପବନ୍ଧୁ ନଗର ବ୍ଲକର କୁଆମରା, ଖୁଣ୍ଟା ବ୍ଲକର ବିସିପୁର ଅଞ୍ଚଳ, ଉଦଳା ବ୍ଲକର ଚୁଲିଆପୋଷି (ପାଟପୁର), ଖାଲଡି ଗ୍ରାପଞ୍ଚାୟତର ଦୁତିକାଦେଇପୁର ଗସ୍ତ କରି ବାତ୍ୟା ପ୍ରଭାବିତ ଲୋକଙ୍କ ସହିତ କ୍ଷୟକ୍ଷତିର ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ, ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ପିଡ଼ି ଡିଆରଡିଏ ଭବେଶ କୁମାର ନାୟକ, ଉଦଳା ଉପଜିଲ୍ଲାପାଳ, ସ୍ଥାନୀୟ ବିଡ଼ିଓ, ତହସିଲଦାରଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବାରିପଦାରୁ ହେଲିକେପ୍ଟର ଯୋଗେ ଭୁବନେଶ୍ୱର ଗସ୍ତ କରି ସେଠାରୁ ଦିଲ୍ଲୀ ଫେରିଥିବା ସୂଚନା ମିଳିଛି । ବାତ୍ୟା ୟାସ କ୍ଷୟକ୍ଷତି ଅନୁଧ୍ୟାନ କେନ୍ଦ୍ରୀୟ ଟିମର ଲିଡର ତଥା କେନ୍ଦ୍ର ଗୃହ ବିଭାଗ ଯୁଗ୍ମ ସଚିବ ସୁନୀଲ କୁମାର ବର୍ଣ୍ଣୱାଲ ପ୍ରଥମେ ଦିଲ୍ଲୀ ଫେରିଛନ୍ତି । ଅନ୍ୟ ସଦସ୍ୟମାନେ ବିଳମ୍ବିତ ରାତ୍ରିରେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଥିବାର ଜଣା ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଚାଷୀଙ୍କ ପାରିଶ୍ରମିକ ମୂଲ୍ୟକୁ ....

ଧାନ (ଗ୍ରେଡ୍ ଏ)ର ଏମ୍‌ଏସ୍‌ପି ୧୮୮୮ ଟଙ୍କାରୁ ୧୯୬୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଜନା ୨୬୨୦ରୁ ୨୭୩୮ ଟଙ୍କା, ବାଜରା ୨୧୫୦ରୁ ୨୨୫୦ ଟଙ୍କା, ମାଣ୍ଡିଆ ୩୨୯୫ରୁ ୩୩୭୭ ଟଙ୍କା, ମକା ୧୮୫୦ ଟଙ୍କାରୁ ୧୮୭୦ ଟଙ୍କା, ହରଡ ଡାଲି ୬୦୦୦ ଟଙ୍କାରୁ ୬୩୦୦ ଟଙ୍କା, ମୁଗର ଏମଏସପି ୭୧୯୬ ଟଙ୍କାରୁ ୭୨୭୫ ଟଙ୍କା ତଥା ଅନ୍ୟାନ୍ୟ ଖରିଫ ଫସଲର ଏମଏସପି ମଧ୍ୟ ବୃଦ୍ଧି କରାଯାଇଛି। ଧାନ ପାଇଁ ବର୍ଦ୍ଧିତ ଏମ୍‌ଏସ୍‌ପି ଲାଗୁ କରିବା ପାଇଁ କେନ୍ଦ୍ର ସରକାର ୭ ହଜାର ୫୬୩ କୋଟି ଟଙ୍କା ଖର୍ଚ୍ଚ କରିବେ । ଶ୍ରୀ ପ୍ରଧାନ କହିଛନ୍ତି ଆତ୍ମନିର୍ଭର ଭାରତର ପ୍ରମୁଖ ସ୍ତମ୍ଭ ହେଉଛନ୍ତି ଚାଷୀ। ଖରିଫ ଋତୁ ପାଇଁ ଏମଏସପି ବୃଦ୍ଧି ସେମାନଙ୍କ ଚାଷ ଖର୍ଚ୍ଚକୁ ଭରଣା କରିବା ସହ ଆୟକୁ ମଧ୍ୟ ବୃଦ୍ଧି କରିବ। ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ଉତର ପ୍ରଦେଶ, ପଞ୍ଜାବ, ହରିୟାଣା, ତାମିଲନାଡୁ ଓ ତେଲେଙ୍ଗାନା ଭଳି ଅଧିକ ଧାନ ଉତ୍ପାଦନକାରୀ ରାଜ୍ୟ ଗୁଡ଼ିକର ଚାଷୀମାନେ ବିଶେଷ ଭାବେ ଉପକୃତ ହେବେ। ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଚାଷୀ ଭାଇଙ୍କ ସ୍ୱାର୍ଥ ଓ କଲ୍ୟାଣକୁ ଦୃଷ୍ଟିରେ ରଖି ବର୍ଷ ୨୦୨୦-୨୧ରେ ୬ ହଜାର ୫୪୯.୨ କୋଟି ଟଙ୍କା ମୂଲ୍ୟର ୩୫.୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରିଥିଲେ । ବର୍ଷ ୨୦୨୧-୨୨ ପାଇଁ ଏହି ଲକ୍ଷ୍ୟକୁ ବଢ଼ାଯାଇ ୧୩ ହଜାର ୯୪୮.୬ କୋଟି ଟଙ୍କା ମୂଲ୍ୟର ୭୧.୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାର ଚାଷୀଙ୍କୁ ଭାରତ ସରକାର ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ୭୩୯୯.୪ କୋଟି ଟଙ୍କା ମୂଲ୍ୟର ୩୮.୮୪ ଲକ୍ଷ ମେଟ୍ରିକ୍ ଟନ ଅଧିକ ଧାନ କିଣିବା ପାଇଁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି।

### ଆଜିଠୁ ୧୪ ଯାଏଁ ପ୍ରବଳ....

୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କରିବେ। ଏହି ସମୟ ଭିତରେ ସମୁଦ୍ର ଭିତରକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦେଇଛନ୍ତି ଏସ୍‌ଆରସି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼ , କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଆଦି ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।ଏହିସବୁ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ବେଳକୁ ବର୍ଷାର ପରିମାଣ ବଢିପାରେ। ୧୦ ତାରିଖରୁ ୧୧ ତାରିଖ ମଧ୍ୟରେ କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ଅକସ୍ମାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ସେହିପରି ମାଟିରାସ୍ତା ଧସିଯିବା, ପାହାଡ଼ିଆ ଅଂଚଳରେ ଭୂ-ସ୍ଖଳନ ଓ ମ୍ୟୁନିସିପାଲିଟି ଅଂଚଳରେ ଯାତାୟାତ ବାଧାପ୍ରାପ୍ତ ହୋଇପାରେ। ଏଥିଯୋଗୁଁ ପନିପରିବା ଚାଷ ମଧ୍ୟ ନଷ୍ଟ ହେବାର ସମ୍ଭାବନା ରହିଛି। ତେଣୁ ସତର୍କତା ଅବଲମ୍ବନ କରିବା ପାଇଁ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଜ୍ୟବାସୀଙ୍କୁ ସତର୍କ କରାଇ ଦିଆଯାଇଛି। ଏହି ସମୟ ମଧ୍ୟରେ ମୟୁରଭଂଜ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ, ଦେବଗଡ, ଝାରସୁଗୁଡା, ବରଗଡ, ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବଷା ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୧୦ରୁ ୧୪ତାରିଖ ମଧ୍ୟରେ ବିଭିନ୍ନ ଅଂଚଳରେ ଝଡ଼ବର୍ଷା ସହ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଅପରପକ୍ଷରେ ଶୁକ୍ରବାର ସକାଳ ସାଢ଼େ ୮ଟାରୁ ଶନିବାର ସକାଳ ସାଢ଼େ ୮ଟା ଭିତରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାଛଡ଼ା ଦେବଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, ମାଲକାନଗିରି ଓ କୋରାପୁଟର ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଶନିବାର ସକାଳ ସାଢ଼େ ୮ଟାରୁ ରବିବାର ସାଢ଼େ ୮ଟା ଭିତରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, ଦେବଗଡ଼, ସମ୍ବଲପୁର, ଅନୁଗୋଳ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

### ଖରିଫ୍ ଫସଲରେ ୫୦....

ଉଦ୍ଦେଶ୍ୟରେ ତୋମର କହିଛନ୍ତି କି, ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାର ସବୁବେଳେ ପ୍ରସ୍ତୁତ । କୃଷି କାନୁନ ଉପରେ ତର୍କ ଆଧାରରେ କୃଷକ ନେତାମାନେ ବୈଠକକୁ ଆସିଲେ ସମସ୍ୟାର ସମାଧାନ ହୋଇ ପାରିବ । ନେଇ ଏକ ସାମ୍ବାଦିକ ସମ୍ମିଳନୀର କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି କି ଖରିଫ୍ ଋତୁ ପୂର୍ବରୁ ସରକାର କୃଷକମାନଙ୍କ ହିତରେ କୃଷିଜାତ ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି । ଏହାସହ କୃଷିଜାତ ସାମଗ୍ରୀର ଟ୍ରାନ୍ସପୋଟେସନ୍ କୁ ସୁରକ୍ଷିତ କରିବାକୁ ସରକାର ରେଳ ବିଭାଗକୁ ଅଧିକ ୪ ଜି ସ୍ପେକ୍ଟ୍ରମ ଆବଣ୍ଟିତ କରାଯାଇଛି । ଯାହାକି ପୂର୍ବରୁ ୨ ଜି ସ୍ପେକ୍ଟ୍ରମ ଉପଯୋଗ ହେଉଥିଲା ।

### ୭ଟି ଜିଲ୍ଲାରେ ୭ଟି ଅକ୍ସିଜେନ ପ୍ଲାଂଟର....

ବ୍ୟବସ୍ଥାର ଆବଶ୍ୟକତା ଜରୁରୀ। ଓଡିଶାକୁ ଆମେ ଦେଶର ବିଭିନ୍ନ ସ୍ଥାନରୁ ଏପରିକି ଚୀନ୍ ରୁ ମଧ୍ୟ ଅକ୍‌ସିଜେନ ସିଲିଣ୍ଡର ଆଣି ଆମର ବ୍ୟବସ୍ଥାକୁ ସୁଦୃଢ଼ କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କରୋନା ଭୂତାଣୁ ସଂକ୍ରମଣର ଅନିଶ୍ଚିତ ଗତି ସଂପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତମାନ ଠାରୁ ହିଁ ଆମକୁ ପ୍ରସ୍ତୁତ ରହିବାକୁ ହେବ। ଏଥିପାଇଁ ଆମର ସ୍ୱାସ୍ଥ୍ୟ ଭିତିଭୂମି, ସ୍ୱାସ୍ଥ୍ୟ କର୍ମଚାରୀ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କାମ କରାଯାଉଛି । ଆଜିର ନୂଆ ବ୍ୟବସ୍ଥା ଗୁଡିକ ଲୋକଙ୍କୁ ଖୁବଶୀଘ୍ର ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ରାଜ୍ୟର ସମସ୍ତ ପ୍ରମୁଖ ହସ୍‌ପିଟାଲରେ ତରଳ ମେଡିକାଲ ଅକ୍ସିଜେନ ପ୍ଲାଂଟ ନିର୍ମାଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।ରଜ ଓ ସାବିତ୍ରୀ ପରି ଉତ୍ସବ ସମୟରେ ଜନସାଧାରଣ ସତର୍କ ରହି, ସମସ୍ତ କୋଭିଡ ନିୟମ ପାଳନ କରି ପର୍ବ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଝାରସୁଗୁଡାରୁ ଯୋଗ ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କହିଲେ ଯେ ଓଡିଶା ବର୍ତମାନ ଅକ୍‌ସେଜେନ କ୍ଷେତ୍ରରେ ସାରା ଦେଶ ପାଇଁ ଓଡିଶା ଏକ ନୂଆ ଆଶା ହୋଇପାରିଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱର ପରାକାଷ୍ଠାକୁ ପ୍ରଶଂସା କରିଥିଲେ। ଆଜିର ଭିତିଭୂମି ବ୍ୟବସ୍ଥା ଦ୍ୱାରା ଓଡିଶା ତୃତୀୟ ଲହରୀର ସଫଳ ମୁକାବିଲା କରିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ବଲାଙ୍ଗୀରରୁ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଭୁବନେଶ୍ୱରରୁ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ଭିତିଭୂମି କ୍ଷେତ୍ରରେ ଓଡିଶାର ଉଲ୍ଲେଖନୀୟ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହିତ ଏହାଦ୍ୱାରା ଆଗାମୀ ଦିନରେ ଓଡିଶା କୋଭିଡ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ସଫଳ ମୁକାବିଲା କରିପାରିବ ବୋଲି ଆଶାପ୍ରକାଶ କରିଥିଲେ।

# ବହୁ ଚର୍ଚ୍ଚିତ ଡେଭିଡ ହତ୍ୟାକାଣ୍ଡ ମାମଲା : ଝାଡଖଣ୍ଡରୁ ଜବଦ ହେଲା ଡେଭିଡର ବସ୍ତ୍ର ଓ ହତ୍ୟାରେ ବ୍ୟବହୃତ ଅସ୍ତ୍ର

### ଆସାମୀଙ୍କୁ କୋର୍ଟ ଚାଲାଣ କଲା ବାରିପଦା ଟାଉନ ଥାନା ପୋଲିସ



ବାରିପଦା,୦୯/୦୬ (ନି.ପ୍ର): ଦୀର୍ଘ ଚାରି ବର୍ଷ ତଳେ ବାରିପଦା ପୌରପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୮, ଭଂଜପୁର ଯମୁନାଦେଇପୁର ଅଂଚଳର ପର୍ଶୁରାମ ବେହେରାଙ୍କ ପୁଅ ବିଶ୍ୱଜିତ ବେହେରା ଓରଫ ଡେଭିଡ ମହାରାଷ୍ଟ୍ର ନିଜ ଚାକିରି ସ୍ଥଳରୁ ବାରିପଦା ଫେରିବା ବାଟରୁ ହଠାତ ଗାଏବ ହୋଇ ଯାଇଥିବା ଘଟଣାରେ ୪ବର୍ଷ ପରେ ପୋଲିସ ଏହାକୁ ଏକ ହତ୍ୟା କାଣ୍ଡ ବୋଲି ପର୍ଦ୍ଦାଫାସ କରିବାରେ ସକ୍ଷମ ହେବା ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି । ତେବେ ଏହି ମାମଲାରେ ଚାରି ଜଣ ତଦନ୍ତକାରୀ ଅଧିକାରୀ ୪ବର୍ଷ ଭିତରେ ବଦଳି ହୋଇ ଗଲାପରେ ବର୍ତ୍ତମାନର ବାରିପଦା ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଡେଭିଡର ହତ୍ୟାକାରୀକୁ ଝାଡ଼ଖଣ୍ଡ ରାଜ୍ୟ ଧଳଭୁମଗଡ଼ ଅଂଚଳର ଚିରୁଗୁଡାରୁ ଗିରଫ କରିବାରେ ସଫଳ ହେବାପରେ ଏବେ ଏହି ଘଟଣାକୁ ନେଇ ବାରିପଦାରେ ଚର୍ଚ୍ଚା ଲାଗି ରହିଛି । ଅଭିଯୁକ୍ତ ଯୁବକ ଝାଡ଼ଖଣ୍ଡ ଚିରୁଗୁଡାର ବଂଶୀଧର ପାତ୍ର (୩୫) ଏହି ହତ୍ୟାକାଣ୍ଡ ଭିଆଇଥିବା ପୁଲିସ ଆଗରେ ନିଜେ ସ୍ୱୀକାର କରିଥିବା ସହିତ ପୋଲିସ ଅଭିଯୁକ୍ତ କୁ ହତ୍ୟା ସ୍ଥଳକୁ ନେଇ ଡେମୋ ମଧ୍ୟ କରାଇଥିଲା । ତେବେ ଅଭିଯୁକ୍ତର ବୟାନ ଆଧାର ରେ ପୋଲିସ ଡେଭିଡର ପିନ୍ଧା ବସ୍ତ୍ର ଓ ହତ୍ୟାରେ ବ୍ୟବହୃତ କୁରାଢୀ କୁ ନିକଟସ୍ଥ ଜଙ୍ଗଲରୁ ଜବଦ କରିଛି ପୋଲିସ । ଏହି ଘଟଣାର ହତ୍ୟାକାରୀ ବଂଶୀଧର ସହିତ ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶିକ୍ଷକ ନରେନ୍ଦ୍ର ପାତ୍ରଙ୍କୁ ମଧ୍ୟ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣା ଯାଇଛି ।

# ରବିଧାନ କିଣା ବିଭ୍ରାଟକୁ ନେଇ ମୁହଁ ଖୋଲିଲା କଂଗ୍ରେସ

ବାଲେଶ୍ୱର,୦୯/୦୬ (ନି.ପ୍ର): ବାଲେଶ୍ୱର ଜିଲାର ପଞ୍ଜୀକୃତ ଚାଷୀଙ୍କ ରବିଧାନ କ୍ରୟରେ ଜିଲା ଯୋଗାଣ ଓ ସମବାୟ ବିଭାଗର ଟାଳଟୁଳ ନୀତିକୁ ନେଇ ମୁହଁ ଖୋଲିଛି ଜିଲା କଂଗ୍ରେସ କମିଟି। ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣା ନ ଗଲେ ଜିଲା କଂଗ୍ରେସ ୧୧ ତାରିଖରୁ ପର୍ଯ୍ୟାୟ କ୍ରମେ ଧାନମଣ୍ଡିରେ ଗଣଧାରଣା ଜାରି ରଖିବ ବୋଲି କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ଅଖିଳ ଭାରତୀୟ ବୃତ୍ତିଗତ କଂଗ୍ରେସ କମିଟିର ରାଜ୍ୟ ସଭାପତି ତଥା ସଦର ନିର୍ବାଚନମଣ୍ଡଳୀ ନେତ୍ରୀ ମମତା କୁଣ୍ଡୁ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି, ଯୁବ କଂଗ୍ରେସ ଜିଲା ସଭାପତି ରଂଜନ କୁମାର ଦାସ, ଛାତ୍ର କଂଗ୍ରେସ ଜିଲା ସଭାପତି ଗୌତମ ସାହୁ, ବରିଷ୍ଠ କଂଗ୍ରେସ ନେତା ଗୋପୀନାଥ ପାଢ଼ୀ, ବିକାଶ ଦାସ, ଜୟକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ ଚଳିତ ରବିଧାନ କିଣା ନେଇ ବାଲେଶ୍ୱର ଜିଲାରେ ଉପୁଜିଥିବା ନାନାବିଧ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନକ୍ରୟ ନୀତି ସାଙ୍ଗକୁ ବାଲେଶ୍ୱର ଜିଲା ଯୋଗାଣ ବିଭାଗ, ସମବାୟ ବିଭାଗ ଓ ମିଲର୍ସଙ୍କ ମଧ୍ୟରେ ସମନ୍ୱୟ ଅଭାବର ପରିଣାମ ଜିଲାର ଚାଷୀଙ୍କୁ ଭୋଗିବାକୁ ପଡ଼ିଛି ବୋଲି ଜିଲା କଂଗ୍ରେସ ସଭାପତି ଶ୍ରୀ ଗିରି ଆରୋପ କରିଛନ୍ତି। ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଧାନ କ୍ରୟ ନହେବା ଫଳରେ କିଛି ଚାଷୀଙ୍କର ୧୨ ଦିନିଆ ଟୋକନ ମିଆଦ ଶେଷ ହୋଇଥିବା ବେଳେ ବାକି ଚାଷୀଙ୍କର ଅବଧି ସରିବାକୁ ବସିଛି। ଏଭଳି ସ୍ଥିତିରେ ଜିଲାପାଳ ନିଦାବିଷ୍ଟୁ ପାଲଟିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କଂଗ୍ରେସ ପକ୍ଷରୁ ଆରୋପ କରାଯାଇଛି। ଚାଷର ଉନ୍ନତି ଓ ଚାଷୀଙ୍କ ବିକାଶକୁ ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଚୁପ ରହିବା କେଉଁ ନ୍ୟାୟର ବୋଲି କଂଗ୍ରେସ କର୍ମକର୍ତ୍ତାମାନେ ପ୍ରଶ୍ନ କରିଥିଲେ। ଅନ୍ନଦାତାଙ୍କ ସ୍ୱାର୍ଥରକ୍ଷା ପାଇଁ ଜିଲା କଂଗ୍ରେସ ପକ୍ଷରୁ ପ୍ରତ୍ୟେକ ଧାନମଣ୍ଡି ଆଗରେ ଗଣ ଧାରଣା ଦେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ବାଲେଶ୍ୱର ରୋଟାରୀ କ୍ଲବର ପ୍ରାକ୍ତନ ସଭାପତି ପରେଶ କୁମାର ଗାୟନଙ୍କ ବିୟୋଗରେ ଶୋକସଭା




ବାଲେଶ୍ୱର,୦୯/୦୬ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ୍ ସଭାପତି ରୋଟାରୀଆନ୍ ଭାବଗ୍ରାହୀ ମହାନ୍ତିଙ୍କ ସଭାପତିତ୍ୱରେ ରୋଟାରୀ କ୍ଲବର ସମ୍ମିଳନୀ କକ୍ଷରେ ପ୍ରାକ୍ତନ ସଭାପତି ପରେଶ କୁମାର ଗାୟନଙ୍କ ମୃତ୍ୟୁରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି । ବିଶିଷ୍ଟ ଶିଳ୍ପପତି ପରେଶ କୁମାର ଗାୟନଙ୍କର ବିୟୋଗରେ ରୋଟାରୀ କ୍ଲବର ସମସ୍ତ ସଭ୍ୟ ତଥା ରୋଟାରୀ ଚକ୍ଷୁ ଚିକିତ୍ସାଳୟର କର୍ମକର୍ତ୍ତାଗଣ ତାଙ୍କ ପଟ୍ଟଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ । ବରିଷ୍ଠ ସଭ୍ୟ ସୁବ୍ରତ କର ତାଙ୍କର ବକ୍ତବ୍ୟରେ ଅନେକ ରୋମାଞ୍ଚକର ତାଙ୍କ ସହିତ ରହିଥିବା ଅନୁଭୂତି ବର୍ଣ୍ଣନା କରିଥିଲେ । ପୂର୍ବତନ ସଭାପତି ରୋଟାରୀଆନ୍ ମାତୃଦତ୍ତ ଦାସ ତାଙ୍କୁ ଏକ ଯୁଗଜନ୍ମା ବ୍ୟକ୍ତି ଭାବରେ ବର୍ଣ୍ଣନା କରିଥିଲେ । ଆସନ୍ତା ବର୍ଷର ରୋଟାରୀ ସଭାନେତ୍ରୀ ରାଜଲକ୍ଷ୍ମୀ ଯତି ତାଙ୍କ ବକ୍ତବ୍ୟରେ ବାଲେଶ୍ୱର ରୋଟାରୀ କ୍ଲବ୍ ଏକ ରତ୍ନ ହରାଇଲା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ଉଦୟ ରଂଜନ ଦାସ, ଦେବେନ୍ଦ୍ର କୁମାର ଧଳ, ସପନ ମହାପାତ୍ର, କ୍ଲବର ଯୁଗ୍ମ ସଂପାଦକ ସୁଖମୟ ଦାସ, ଯଶୋଦା ନନ୍ଦନ ଆଶ୍ ଏବଂ ବାଲେଶ୍ୱର ଚକ୍ଷୁ ହସ୍ପିଟାଲର ଡାକ୍ତର ସମାବେଶ ସ୍ୱାଇଁ ପ୍ରମୁଖ ସ୍ୱର୍ଗତଃ ଗାୟନ ବାବୁଙ୍କର ଘଟଣା ବହୁଳ ଜୀବନ ବିଷୟରେ ଆଲୋକପାତ କରିଥିଲେ । ଶେଷରେ କ୍ଲବର ସଂପାଦକ ରୋଟାରୀଆନ୍ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିବା ସହିତ ଉପସଭାପତି କଷ୍ଟଦାସ କୁଣ୍ଡଙ୍କର ରଚିତ କବିତା ପାଠ କରି ଶୁଣାଇ ଥିଲେ । ଅନ୍ୟ ସଭ୍ୟମାନେ ଆଭାସୀ ମାଧମରେ ପରେଶ ଗାୟନଙ୍କୁ ତାଙ୍କର ଶ୍ରଦ୍ଧା ସମର୍ପଣ କରିଥିଲେ ।

## ଜୁନ୍ ୧୩ ରୁ ପୁରୀ ଓ ବିକାନେର୍ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୦୯/୦୬ (ନି.ପ୍ର): ପୁରୀ ଏବଂ ବିକାନେର ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିମ୍ନଲିଖିତ ଅନୁଯାୟୀ ନିଷ୍ପତି ନିଆଯାଇଛି। ଜୁନ ମାସ ୧୩ ତାରିଖରୁ ୦୪୭୦୯/୦୪୭୧୦ ବିକାନେର-ପୁରୀ-ବିକାନେର ସ୍ପେଶାଲ୍ ଟ୍ରେନ ବିକାନେର ଠାରୁ ପ୍ରତ୍ୟେକ ରବିବାର ଦିନ ସନ୍ଧ୍ୟା ୭ଘ ୩୫ମି ରେ ଛାଡିବାକୁ ଥିବାବେଳେ ଏହି ଟ୍ରେନ ପୁରୀ ଠାରୁ ଜୁନ ମାସ ୧୬ ତାରିଖ ଠାରୁ ପ୍ରତ୍ୟେକ ବୁଧବାର ଦିନ ସକାଳ ୦୬ଘ.୩୫ମି.ରେ ଛାଡି ପରବର୍ତୀ ଆଦେଶ ପର୍ଯ୍ୟନ୍ତ ଚଳାଚଳ କରିବ । ଏହି ଟ୍ରେନ ପୂର୍ବତଟ ରେଳପଥ ପରିସୀମାରେ ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, ଢେଙ୍କାନାଳ, ତାଳଚେର ରୋଡ଼, ଅନୁଗୁଳ, ରେଢ଼ାଖୋଲ, ସମ୍ବଲପୁର ଓ ଝାରସୁଗୁଡା ରୋଡ଼ ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ପୁରୀ ଓ ବିକାନେର ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଯଥା ରାୟଗଡ଼, ବିଳାସପୁର, କାଟନୀ ମୁରୱାରା, କୋଟା ଏବଂ ଜୟପୁର ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ରହଣି କରିବ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୬ ଗିରଫ, ୧୫୯ ବାହନ ଜବତ

ଭୁବନେଶ୍ୱର,୦୯/୦୬ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୬ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୫୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୮୯,୯୮୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆଯାଇଛି ।

# ନୀଳଗିରି ଅଞ୍ଚଳର ପୁଅ ଇସ୍ରୋର ବୈଜ୍ଞାନିକ ହେଲେ

## କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧିତ

ନୀଳଗିରି,୦୯/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ଅଯୋଧା ପଞ୍ଚାୟତର ଅଯୋଧା ଗ୍ରାମର ନୀଳଗିରି ଅଞ୍ଚଳର ପୁଅ ଆଜି ଦେଶରେ ଇସ୍ରୋର ବୈଜ୍ଞାନିକ ହୋଇ ଲୋକଲୋଚନକୁ ଆସିଛନ୍ତି । ଘଟଣାରୁ ପ୍ରକାଶ ନୀଳଗିରି ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିବା ଯୁବକ ଆଜି ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନରେ ଇସ୍ରୋର ବୈଜ୍ଞାନିକ ଭାବେ ପରିଗଣିତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା ଓ ନୀଳଗିରି ପାଇଁ ଗର୍ବଗୌରବ ଆଣିଥିବା ବେଳେ ଏଥିପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରତିଭାବାନ ଯୁବ ବୈଜ୍ଞାନିକଙ୍କୁ ନିଜ ବାସଭାବନ ଗୋପିନାଥପୁର ଠାରେ ସମ୍ବର୍ଦ୍ଧିତ କରିଛନ୍ତି । ନୀଳଗିରିର ପାଣିପବନରେ ଅଯୋଧା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ବାପା ଡା. ଗଜେନ୍ଦ୍ର ପ୍ରସାଦ ପରିଡ଼ା ଓ ମାଆ ମିନାକ୍ଷୀ ନଳିନୀ ରାଉତ ଅଯୋଧା ହାଇସ୍କୁଲରେ ଶିକ୍ଷକତା କରୁଥିଲେ। ଅଭିଷେକର ଶିକ୍ଷାକ୍ଷେତ୍ର ଆରମ୍ଭ ହୋଇଥିଲା ଅଯୋଧା ୟୁ.ପି.ସ୍କୁଲରୁ। ଶାନ୍ତ ନମ୍ର ସ୍ୱଭାବର ଅଭିଷେକର ପିଲାଦିନରୁ ଉଙ୍କି ମାରୁଥିଲା ଭଲ ମଣିଷଟିର ପ୍ରତିଛବି। ହାଇସ୍କୁଲ ଜୀବନ କଟିଥିଲା ବାଲେଶ୍ୱରରେ। ପରେ ଏଫ.ଏମ. କଲେଜରେ +୨ ଶିକ୍ଷା ସମାପ୍ତ କରି ଆଗକୁ ଆଗକୁ ବଢ଼ିଚାଲିଥିଲେ। ବ୍ରହ୍ମପୁରରେ ଥିବା ପାରଳା ମହାରାଜ ସରକାରୀ କଲେଜରୁ ବି.ଟେକ କରି ଆଇ.ଆଇ.ଟି. ଭୁବନେଶ୍ୱରରେ ଏମ.ଟେକ. ରେ ଉତ୍ତୀର୍ଣ୍ଣ ହୋଇ ଟପ୍ପର ହୋଇଥିଲେ। ଚେନ୍ନାଇରେ ଥିବା ଆମେରିକାନ କେଟର ପିଲରରେ ରିସର୍ଚ୍ଚ ଡେଭଲୋପମେଣ୍ଟଆନାସିଲିକାଲ ଇଂଜିନିୟର ଭାବେ ନିଯୁକ୍ତି ପାଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ମାସରେ ସର୍ବଭାରତୀୟ ମହାକାଶ ଗବେଷଣା ଅନୁଷ୍ଠାନରେ ପରୀକ୍ଷା ଦେଇଥିଲେ । ସେଥିରେ ସେ ସର୍ବଭାରତୀୟସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରି ନୀଳଗିରି ପାଇଁ ଗର୍ବଗୌରବର ଆଲୋକ ଆଣିପାରିଛନ୍ତି । ୨୬ବର୍ଷୀୟ ଅଭିଷେକ ପରିଡ଼ା ବୈଜ୍ଞାନିକ ଭାବେ ଯୋଗଦାନ କରିବାର ଅର୍ଜନ ପଛରେ ପିତାମାତା, ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ହାତ ରହିଛି ବୋଲି ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି ।



# ସାବିତ୍ରୀବ୍ରତ ଉପଲକ୍ଷେ ସାମାଜିକ ଦୂରତାକୁ ଫୁଁ : ପୁଲିସ୍ ନିଷ୍କ୍ରିୟ



ଜଳେଶ୍ୱର,୦୯/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରରେ କରୋନା ସଂକ୍ରମଣ ଥୟ ଧରୁନଥିବା ବେଳେ ପଶ୍ଚିମବଂଗରୁ ହଜାର ହଜାର ରାଜମିସ୍ତ୍ରୀ ଆସୁଥିବା ଦେଖିବାକୁ ମିଳିଛି । ଜଳେଶ୍ୱରରେ ପଶ୍ଚିମବଂଗର ମୁର୍ଶିଦାବାଦ ଅଂଚଳର ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ରାଜମିସ୍ତ୍ରୀ ଜଳେଶ୍ୱର ଅଂଚଳରେ କାର୍ଯ୍ୟ କରନ୍ତି । କରୋନାର ୨ୟ ଲହର ଆରମ୍ଭ ହେବାପରେ ସେମାନେ ନିଜ ଗାଁକୁ ଚାଲିଯାଇଥିଲେ। ଏବେ ସୀମାସୀଲ ଥିଲେ ମଧ୍ୟ ଗଳାବାଟରେ ହଜାର ହଜାର ସଂଖ୍ୟାରେ ଓଡିଶା ମଧ୍ୟକୁ ପ୍ରବେଶ କରି ଅନାୟାସରେ ବୁଲାବୁଲି କରିବା ସହିତ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେମାନଙ୍କ ନିକଟରେ କୌଣସି କୋଭିଡ୍ ପରୀକ୍ଷା କାଗଜପତ୍ର ନଥିବା ଜଣାଯାଇଛି । ତେଣୁ ଏହି ଅଂଚଳରେ ଅଧିକ ସଂକ୍ରମଣ ବଢିବାର ସମ୍ଭାବନା ରହିଛି । ଆସନ୍ତା କାଲି ସାବିତ୍ରୀବ୍ରତ ଥିବାରୁ ଜଳେଶ୍ୱର ସହରରେ ନାହିଁନଥିବା ଭିଡ ପରିଲକ୍ଷିତ ହୋଇଛି । ଲୋକେ ସାମାଜିକ ଦୂରତାକୁ ଫୁ କରିଥିବା ବେଳେ ପୁଲିସ୍ ପକ୍ଷରୁ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ପ୍ରାୟ ସମସ୍ତ ଦୋକାନ ଆଗରେ ତାଲା, ପଛରେ ମେଲା ରଖି ବ୍ୟବସାୟ ଚାଲୁଥିବା ଦେଖିବାକୁ ମିଳିଛି । ପୁଲିସ୍ କେତେକ ହେଲମେଣ୍ଟ ଓ ମାକ୍ସ ଚେକିଂ କରି ନିଜର କାର୍ଯ୍ୟ ସାରିଥିବା ଦେଖିବାକୁ ମିଳିଛି । ତେଣୁ ଏହାର ପ୍ରତିକାର କରିବାକୁ ବହୁ ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକମାନେ ପ୍ରଶାସନକୁ ନିବେଦନ କରିଛନ୍ତି ।

# ବାଲେଶ୍ୱରରେ ଉଦଘାଟିତ ରକ୍ତ ବର୍ଗୀକରଣ ୟୁନିଟ ଓ ଅମ୍ଳଜାନ ପ୍ଲାଣ୍ଟର ଶିଳାନ୍ୟାସ



ବାଲେଶ୍ୱର,୦୯/୦୬ (ନି.ପ୍ର): ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ପ୍ରତୀକ୍ଷିତ ରକ୍ତକଣିକା ବର୍ଗୀକରଣ ୟୁନିଟ ବୁଧବାର କାର୍ଯ୍ୟକ୍ଷମ ହୋଇଯାଇଛି। ଅପରାହ୍ନ ୫ଟା ୩୦ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ଼ରେ ଭୁବନେଶ୍ୱରରୁ ଏହାକୁ ଉଦଘାଟନ କରିଛନ୍ତି। ଏଥି ସହିତ ନବ ନିର୍ମିତ ଡେଙ୍ଗୁ, ଡାଇରିଆ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗ ୱାର୍ଡ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) ସହଯୋଗରେ ଜିଲା ଡାକ୍ତରଖାନା ପରିସରରେ ସ୍ଥାପନ ହୋଇଥିବା ଅସ୍ଥାୟୀ କୋଭିଡ ନିଦାନ କେନ୍ଦ୍ର (କ୍ୟାମ୍ପ ହସପିଟାଲ)କୁ ବି ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ। ଏହି ନୂତନ ଡେଙ୍ଗୁ, ଡାଇରିଆ ଓ ସଂକ୍ରାମକ ୱାର୍ଡ଼ରେ ପ୍ରତ୍ୟେକ ଶଯ୍ୟାରେ ଅମ୍ଳଜାନ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଉଦଘାଟନ ହେଉଥିବା କ୍ୟାମ୍ପ ହସପିଟାଲରେ କୋଭିଡ ଲକ୍ଷଣ ଥିବା ବ୍ୟକ୍ତିଙ୍କ ନମୁନା ପରୀକ୍ଷା ଓ ପ୍ରାଥମିକ ଚିକିତ୍ସା ସାଙ୍ଗକୁ ଜ୍ୱର ପୀଡ଼ିତ ବ୍ୟକ୍ତିଙ୍କ ପରୀକ୍ଷା (ଫିବର କ୍ଲିନିକ)ର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ପରବର୍ତ୍ତୀ ସମୟରେ ଆବଶ୍ୟକ ସ୍ଥଳେ ଜିଲାର ଅଧିକ କରୋନା ସଂକ୍ରମିତ ହେଉଥିବା ଅଞ୍ଚଳରେ ଏହି ଅସ୍ଥାୟୀ 'କ୍ୟାମ୍ପ ହସପିଟାଲ' କାର୍ଯ୍ୟ କରିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଭର୍ଚୁଆଲ ଉଦଘାଟନୀ କାର୍ଯ୍ୟକ୍ରମରେ ନବ ନିର୍ମିତ ତିନି ପ୍ରକଳ୍ପ ଉଦଘାଟନ ସାଙ୍ଗକୁ ଡାକ୍ତରଖାନା ପରିସରରେ ନୂତନ ଅମ୍ଳଜାନ ସଂରକ୍ଷଣ ଓ ବିତରଣ ୟୁନିଟ ନିର୍ମାଣର ଭିତ୍ତି ପ୍ରସ୍ତର ଏବଂ ତରଳ ଅମ୍ଳଜାନ ସଂରକ୍ଷଣ ଗୋଦାମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଶୁଭ ଶିଳାନ୍ୟାସ କରିଛନ୍ତି। ତେବେ ଡାକ୍ତରଖାନା ପରିସରରେ ଆୟୋଜିତ ଡିଜିଟାଲ ପ୍ଲାଟଫର୍ମରେ ମୁଖ୍ୟମନ୍ତ୍ରୀଙ୍କ ଉଦଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ପରେ ଡାକ୍ତରଖାନା ପରିସରରେ ଆୟୋଜିତ ଉତ୍ସବରେ ସଦର ବିଧାୟକ ସ୍ୱରୂପ ଦାସ ପ୍ରକଳ୍ପ ନାମ ଫଳକଗୁଡ଼ିକୁ ଅନାବରଣ କରିଥିଲେ। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ପ୍ରବେଶନାରୀ ଆଇଏଏସ କୁନାଲ ଚୌହାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବ, ଏଡିଏମଓ ଡାକ୍ତର ମୃତ୍ୟୁଞ୍ଜୟ ମିଶ, ଡିପିଏମ ଅନୀଲ ମହାନ୍ତି ପ୍ରମୁଖଙ୍କ ସମେତ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

# ଦିନକରେ ୨୮୬ ନୂଆ କରୋନା ସଂକ୍ରମିତ ଓ ୩୦୧ ସୁସ୍ଥ

ବାଲେଶ୍ୱର,୦୯/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲା ବିଭିନ୍ନ ଅଞ୍ଚଳରୁ ୨୮୬ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଆଜିମାବାଦରୁ ୭ଜଣ, ସହଦେବଖୁଣ୍ଟାରୁ ୬, ପୁଲିସଲାଇନରୁ ୪, ଆଇଟିଆଇ ଛକରୁ ୪, ଅଙ୍ଗାରଗଡ଼ିଆରୁ ୩ ଓ ବାରବାଟୀରୁ ୨ଜଣଙ୍କ ସମେତ ଏଡିଏମ ଛକ, ଚୁନଭାଟି, ଦେଓ୍ୱାନପାଟଣା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋପାଳଗାଁ, ହେମକାପଦା, ଜେଲ ରୋଡ଼, ମାଣିଖମ୍ବ, ନୂଆବଜାର, ସୁନହଟ, ରାଣୀପାଟଣା, ପୁରୁଣା ବାଲେଶ୍ୱର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୪ଜଣ, ବସ୍ତାରୁ ୨, ଭୋଗରାଇରୁ ୪, ଜଳେଶ୍ୱରରୁ ଜଣେ, ଖଇରାରୁ ଜଣେ, ନୀଳଗିରିରୁ ୮୧, ଔପଦାରୁ ଜଣେ, ରେମୁଣାରୁ ୪୫, ସଦରରୁ ୪୯, ସିମୁଳିଆରୁ ୨୬ ଓ ସୋରରୁ ୩୩ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତରେ ସଂସ୍ପର୍ଶରେ ଆସିଥିବା କୁହାଯାଇଛି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୭,୫୫୯ରେ ପହଞ୍ଚିଥିବା ବେଳେ ଆଜି ଦିନକରେ ୩୦୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ୨୩,୮୯୪ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ଜିଲାରେ ଏବେ ସକ୍ରିୟ ଥିବା ୩,୫୪୯ ଜଣ କରୋନା ଆକ୍ରାନ୍ତ ଗୃହ ସଙ୍ଗରୋଧ ସମେତ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ ଥିବା ଜଣେ ୩୩ ବର୍ଷର ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୧୬ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ୧୮ରୁ ୪୪ ବର୍ଷ ବୟସର ଯୁବବର୍ଗଙ୍କ ଟିକାକରଣର ଦ୍ୱିତୀୟ ଦିନରେ ବାଲେଶ୍ୱର ସହର ୮ କେନ୍ଦ୍ରରେ ଆଜି ୩,୩୦୦ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଟାଟା ପାୱାର ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ୧୦ ଅମ୍ଳଜାନ କନସେନଟ୍ରେଟର ପ୍ରଦାନ



ବାଲେଶ୍ୱର,୦୯/୦୬ (ନି.ପ୍ର): ଜିଲାରେ ମହାମାରୀ କରୋନା ପ୍ରତିହତ ପାଇଁ ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗକୁ ବିଭିନ୍ନ ମହଲରୁ ପ୍ରଦାନ କରାଯାଉଛି ସହଯୋଗ। ଏଥିରୁ ବାଦ ପଡ଼ିନି ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଟର ପ୍ରାଇଭେଟ ଲିମିଟେଡ (ଟିପିଏନଓଡିପିଏଲ)। 'ଶିଳ୍ପାନୁଷ୍ଠାନ ସାମାଜିକ ଦାୟିତ୍ୱବୋଧତା' କାର୍ଯ୍ୟକ୍ରମ ମାଧ୍ୟମରେ ଟିପିଏନଓଡିପିଏଲ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ୧୦ ଗୋଟି ଅକ୍ସିଜେନ କନସେନଟ୍ରେଟର ପ୍ରଦାନ କରାଯାଇଛି । ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଉପସ୍ଥିତିରେ 'ଟିପିଏନଓଡିପିଏଲ'ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦେବଙ୍କୁ ଏହା ପ୍ରଦାନ କରିଥିଲେ। ସଂସ୍ଥାର ଏଭଳି ମହତ କାର୍ଯ୍ୟକୁ ଜିଲାପାଳ ଓ ସିଡିମଓ ଭୂୟସୀ ପ୍ରଶଂସା କରିଥିଲେ। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି ସେମାନେ କହିଥିଲେ। ଅକ୍ସିଜେନ କନସେନଟ୍ରେଟର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ 'ଟିପିଏନଓଡିପିଏଲ'ର ମୁଖ୍ୟ ଅପରେସନ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ, ମାନବ ସମ୍ବଳ ଓ ପ୍ରଶାସନିକ ବିଭାଗ ମୁଖ୍ୟ ଶ୍ରୀବଲ୍ଲଭ ସିଂହ, ପ୍ରଶାସନିକ ମୁଖ୍ୟ ଜୟରାମ ଭାଟିଆ, ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ଉପ-ପ୍ରବନ୍ଧକ ଚିତ୍ତରଂଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କେବଳ କୋଭିଡ ପରିଚାଳନା ପାଇଁ ନୁହେଁ ବରଂ ଆଗାମୀ ଦିନରେ ଅନ୍ୟାନ୍ୟ କ୍ଷେତ୍ରରେ ବି ଟାଟା ପାୱାର ତାର ସାମାଜିକ ଦାୟିତ୍ୱବୋଧ ମୂଳକ କାର୍ଯ୍ୟଧାରା ଜାରି ରଖିବ ବୋଲି ସିଇଓ ଶ୍ରୀ ସରକାର ସୂଚନା ଦେଇଛନ୍ତି।

## ବାତ୍ୟା ଦୁର୍ଗତଙ୍କୁ ରାସନ ସାମଗ୍ରୀ ଓ ତମ୍ବୁ ବଣ୍ଟନ

ବାଲେଶ୍ୱର,୯।୬(): ବାଲେଶ୍ୱର ସଦର ବିଜେପି ପକ୍ଷରୁ 'ସେବା ହିଁ ସଂଗଠନ' କାର୍ଯ୍ୟକ୍ରମ ମାଧ୍ୟମରେ ଜନସେବା ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ସଦର ବିଜେପିର ଏକ ପ୍ରତିନିଧି ଦଳ ପରିଖି ପଞ୍ଚାୟତର ଜଙ୍ଗଲଘେରି ଅଞ୍ଚଳରେ ତମ୍ବୁ ଓ ରାସନ ସାମଗ୍ରୀ ବିତରଣ କରିଛନ୍ତି। ବାତ୍ୟା ପରଠାରୁ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏହି ସେବା କାର୍ଯ୍ୟ ଜାରି ରହିଛି। ବୁଧବାର ୪୦ରୁ ଉର୍ଦ୍ଧ୍ୱ ଅସହାୟ ପରିବାରଙ୍କୁ ବିଜେପି ରାସନ ସାମଗ୍ରୀ ଓ ତମ୍ବୁ ବଣ୍ଟନ କରିଛି। ଏହି ଅଞ୍ଚଳରେ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି ଯୁବନେତା ଶ୍ରୀ ଦତ୍ତ ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ବରିଷ୍ଠ ନେତା ପର୍ଶୁରାମ ବେହେରା, ଅନୀଲ ପାତ୍ର, ଅନନ୍ତ ନାୟକ, ସରୋଜ ପରିଡ଼ା, ରାଜୀବ କର, ପବନ କମିଳା, ଗୟାଧର ବେହେରା, ବ୍ରଜମୋହନ ପରିଡ଼ା, ବବଲୁ ମିଶ୍ର ପ୍ରମୁଖ ଏହି ସେବାକାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଓଷ୍ଟା ପକ୍ଷରୁ ଜଳେଶ୍ୱରରେ ନୂତନ ବିଇଓଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର,୦୯/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବିଇଓ କାର୍ଯ୍ୟାଳୟରେ ବିଇଓ ବିରଞ୍ଚନ ଦାସମହାପାତ୍ର ଗତ ମେ ୩୧ ତାରିଖରେ ଅବସର ଗ୍ରହଣ ପରେ ଉକ୍ତ ପଦବୀ ଖାଲି ପଡିଥିଲା । ଜିଲାର ୧୨ଟି ବିଇଓ ପଦବୀ ମଧ୍ୟରୁ ୯ଟି ଖାଲି ପଡିଥିବାରୁ ବାଲେଶ୍ୱରରେ ଏଡିଇଓ ଭାବେ କାର୍ଯ୍ୟକରୁଥିବା ପ୍ରାଚୀତନୟା ଗିରି ଜଳେଶ୍ୱର ବିଇଓ ଭାବେ ଅତିରିକ୍ତ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ବସ୍ତା ଓ ଜଳେଶ୍ୱର ଉଭୟ ସ୍ଥାନରେ କାର୍ଯ୍ୟଭାର ତୁଲାଇବେ ବୋଲି ଜଣାଯାଇଛି । ଆଜି କାର୍ଯ୍ୟାଳରେ ଯୋଗ ଦେବାପରେ ଡିଇଓ ରଂଜନ କୁମାର ଗିରିଙ୍କ ଉପସ୍ଥିତିରେ ଜଳେଶ୍ୱର ଓ ରାଇବଣିଆ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଓଷ୍ଟା ଜିଲା ସମ୍ପାଦକ ମନୋରଂଜନ ଦାସ, ଜଳେଶ୍ୱର ଓଷ୍ଟା ସଭାପତି ସୁକୁମାର ମିଶ୍ର, ସଂପାଦକ ଡ. ଅଜିତ୍ ମହାନ୍ତି, କେଶବ ପରିଡା, କୁଂଜବିହାରୀ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବାରିକ ଏବଂ ରାଇବଣିଆ ଓଷ୍ଟାର ସଂପାଦକ ବଂଶୀ ବାରିକ, ହରମନ ମହାନ୍ତ ଏବଂ ମୋ ସ୍କୁଲ ଅଭିଯାନର ବ୍ଲକ ସଂଯୋଜକ ହରେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ମାତ୍ର ଜଳେଶ୍ୱର ଭଳି ଉପାନ୍ତ ବ୍ଲକରେ ୨୯୪ଟି ବିଦ୍ୟାଳୟ ରହିଥିବାରୁ ଖୁବ୍‌ଶୀଘ୍ର ଜଣେ ସ୍ଥାୟୀ ବିଇଓଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି ।

# ରାଜଧାନୀରେ ୨୪ ଘଂଟାରେ ୫୪୭ ପଜିଟିଭ୍, ୧୧୩୮ ସୁସ୍ଥ

ଭୁବନେଶ୍ୱର,୦୯/୦୬(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଆଉ ୫୪୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୦୦ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୪୪୭ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୧୩୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୬୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ନୟାପଲ୍ଲୀ ଓ ଓଲ୍ଡ ଟାଉନ୍ ରୁ ୨୨ ଜଣ ଲେଖାଏଁ , ଖଣ୍ଡଗିରିରୁ ୨୧ଜଣ, ଲକ୍ଷ୍ମୀସାଗରରୁ ୧୯ ଜଣ, ଚନ୍ଦ୍ରଶେଖରପୁରରୁ ୧୮ ଜଣ ,ଡୁମଡୁମାରୁ ୧୬ ଜଣ , ପାତ୍ରପଡାରୁ ୧୫ ଜଣ, ,ବଡଗଡରୁ ୧୪ ଜଣ, ଜୟଦେବ ବିହାରରୁ ୧୩ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୧୧ ଜଣ, ଓଲ୍ଡ ଟାଉନ୍ , ପଟିଆ ଓ ୟୁନିଟ୍ ୮ରୁ ୬ ଜଣ ଲେଖାଏଁ, ବମିଖାଲ ଓଭିମଟାଙ୍ଗୀ ରୁ ୫ ଜଣ ଲେଖାଏଁ କ୍ୱାରେଂଟାଇନ୍ ମାମଲା ରହିଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୨୧୧୭ କୁ ବୃଦ୍ଧି ପାଇଛି।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo